# ସାରଡ଼ାଙ୍ଗ ସମିତିସଭ୍ୟା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ

**ଖଇରା, ୨୩।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତରେ ଖାଲି ପଡ଼ିଥିବା ସମିତିସଭ୍ୟା ପଦବୀ ରେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ଜିଲାପାଳ ଓ ଉପଜିଲାପାଳ ମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମାରେ ରାଜ୍ୟରେ ବିଭିନ୍ନ ପଞ୍ଚାୟତରେ ଖାଲି ପଡ଼ିଥିବା ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟାସଭ୍ୟ ନିର୍ବାଚନ ପାଇଁ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ଜାନୁଆରୀ ୧୭ ତାରିଖରୁ ଆରମ୍ଭ ହୋଇ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଫେବୃଆରୀ ୨୨ତାରିଖରେ ସଂଶୋଧିତ ଚୁଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବାକୁ ନିର୍ଦ୍ଦେଶର ଉଲ୍ଲେଖ ରହିଛି। ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସାରଡାଙ୍ଗ ପଞ୍ଚାୟତରେ ରାଜନୈତିକ ଉଷ୍ମତା ବଢ଼ି ଯାଇଛି।

# ଆଦର୍ଶ ଶିକ୍ଷାମନ୍ଦିରରେ ବିଜ୍ଞାନ ମେଳା



**ଖଇରା, ୨୩।୧ (ସମିସ):** ଖଇରା ଆଦର୍ଶ ଶିକ୍ଷାମନ୍ଦିରରେ ମଙ୍ଗଳବାର ଦିନ ବିଜ୍ଞାନମେଳା ଅନୁଷ୍ଠିତ ହୋଇ ଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବିଦ୍ୟାଳୟର ମୁଖ୍ୟ ପ୍ରଭାତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁର୍ବତନ ସରପଞ୍ଚ ସୁଦର୍ଶନ ସେଠୀ ଏହାକୁ ଉଦଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ଜୟନ୍ତ କୁମାର ସ ଓ ଭାସ୍କର ଚନ୍ଦ୍ର ପୃଷ୍ଟି ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଣିକିଙ୍କର ଜେନା, ଶିକ୍ଷକ ପ୍ରହଲ୍ଲାଦ ରାଏ, ତପନ ବିଶ୍ୱାଳ, ଶିକ୍ଷୟିତ୍ରୀ ନିର୍ମଳା ମହାନ୍ତି, ପ୍ରୀତିଲତା ପାଣିଗ୍ରାହୀ, ବିଚିତ୍ରା ଦାସ, ବିଦ୍ୟୁତପ୍ରଭା ହାତୀ, ରଶ୍ମିତା ମିଶ୍ର, ଶୁଭଶ୍ରୀ ରାଉତ ଓ ବାସନ୍ତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ଶ୍ରମିକଙ୍କୁ ଦୁଷ୍କର୍ମ ଉଦ୍ୟମ

**ବସ୍ତା, ୨୩।୧(ସମିସ) :** ବସ୍ତା ଥାନା କୁଡିଆ ଗ୍ରାମରେ ଜୈନିକ ଘରେ ପକ୍କା କାମ କରିବାକୁ ଆସି ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ସନ୍ତୁଆ ଜେନା ନାମକ ଯୁବକ ଜଣକ ପାଖ ଘରେ କେହି ନଥିବାର ସୁଯୋଗ ନେଇ ବାଉଁଶ ମାଗିବା ବାହାନରେ ଘରେ ପଶି ଜୈନିକ ମହିଳା କୁ ଏକା ଦେଖି ଦୁଷ୍କର୍ମ ଉଦ୍ୟମ କରି ଟଣାଘୋଷରା କରିଥିଲେ। କୌଶଳ କ୍ରମେ ମହିଳା ଜଣକ ଜୀବନ ବିକଳରେ ଘଟଣା ସ୍ଥଳରୁ ଖସି ପାଖ ଲୋକଙ୍କୁ ଜଣାଇଥିଲେ। ଲୋକେ ପହଞ୍ଚି ଯୁବକ ଅଟକ ରଖି ଥାନାକୁ ଖବର ଦେଇଥିଲେ। ଘଟଣା ବାବଦରେ ପୀଡ଼ିତା ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ ଧରି ଥାନା ରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି।

# ପଞ୍ଚନୀତି ଅବଲମ୍ବନ କାର୍ଯ୍ୟକ୍ରମ

**ଜଳେଶ୍ୱର ବ୍ଲକ, ୨୩।୧ (ସମିସ):** ଜଳେଶ୍ୱର ବ୍ଲକ ଖୁଲୁଡା ପଞ୍ଚାୟତ ସ୍କୁଲ ପଡ଼ିଆ ଠାରେ ଖୁଲୁଡା ଶ୍ରୀରାମ ସେନା ପକ୍ଷରୁ ପଞ୍ଚନୀତି ଅବଲମ୍ବନ କାର୍ଯ୍ୟକ୍ରମ ଯଥା ପ୍ରଭାତ ସମୟରେ ଶଙ୍ଖଧ୍ୱନି, ନଗର ସଂକୀର୍ତ୍ତନ, ପ୍ରତ୍ୟେକ ଦୁଆର ମୁହଁରେ ଶୁଭ କଳସୀ ସ୍ଥାପନ, ସାତ୍ତ୍ୱିକ ଭୋଜନ ଓ ସନ୍ଧ୍ୟା ସମୟରେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଶ୍ରୀରାମ ଭକ୍ତ ସମୀର ଘୋଷଙ୍କ ନେତୃତ୍ୱରେ ଶ୍ରୀରାମ ଭକ୍ତ ମନମୋହନ ଆଚାର୍ଯ୍ୟଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩ ହଜାରରୁ ଅଧିକ ରାମଭକ୍ତ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟନାରାୟଣ ବେହେରା, ନାଥୁରାମ ଅଣ୍ଡିଆ, ହରେନ୍ଦ୍ର ବେହେରା, ରବି ବେରା, ଯଦୁନାଥ ପାତ୍ର, କେଦାର ନାଥ ସାମଲ, କାର୍ତ୍ତିକ ଗିରି, ଅଜୟ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସୁଚାରୁରୁପେ ପରିଚାଳନା କରିଥିଲେ।

# କବିରାଜଙ୍କ ପରଲୋକ

**ଭୋଗରାଇ, ୨୩।୧ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ କାଶିମପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଶିଷ୍ଟ ଆୟୁର୍ବେଦ କବିରାଜ କ୍ଷିତିଶ ଚନ୍ଦ୍ର ଦାସଙ୍କ ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମହିମା ଅଲେଖ ଧର୍ମାବଲମ୍ବୀ ଥାଇ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୁ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ସୁନାଧରବସାଣ ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ସୁନୀଲ କୁମାର କର, ସମାଜସେବୀ ସୁଦାମ ପାତ୍ର, ଜଗବନ୍ଧୁ ଜେନା, ଅମର ଚନ୍ଦ, ପରମାନନ୍ଦ ପରିଡ଼ା, ଟୁନା ବାରିକ, ହେମନ୍ତ କର, ପ୍ରଦୀପ ଜେନା, ସୁଧାଂଶୁ ପାତ୍ର ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ତଥା ଆୟୁର୍ବେଦ ଚିକିତ୍ସକ ବାଙ୍କବିହାରୀ ମୁଖାଗ୍ନି ଦେଇଥିଲେ।

## ରାସ୍ତା ଓ ଆର୍ଆଇ ଅଫିସର ଭିତ୍ତିପ୍ରସ୍ତର ସ୍ଥାପନ

# ବାରାକୁଟି ଆଦିବାସୀ ସାହିରେ ଖୁସିର ଲହରୀ

**ଖଇରା, ୨୩।୧ (ସମିସ):**



ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମଙ୍ଗଳବାର ଗୋଟିଏ ରାସ୍ତା ଓ ୨ଟି ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ସାରଡାଙ୍ଗ-କୁଣ୍ଡି ଭାୟା ବାରାକୁଟି ଆଦିବାସୀ ରାସ୍ତା ପାଇଁ ଭୂମିପୂଜନ ପରେ ସ୍ୱାଧିନତା ପରଠାରୁ ଅବହେଳିତ ହୋଇରହିଥିବା ୩ଶହ ଆଦିବାସୀ ଖୁସି ଜାହିର କରିଛନ୍ତି। ଯୁବନେତା ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କ ସମେତ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ରଶ୍ମିତା ମହାପାତ୍ର, ପ୍ରାକ୍ତନ ସମିତିସଭ୍ୟ ଦିଲ୍ଲିପ ବେହେରା, ଯୁବନେତା ବାବୁଲି ପଣ୍ଡା, ରାଜେନ୍ଦ୍ର ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ୨କୋଟି ୬୫ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମୀତ ହେବାକୁ ଥିବା ରାସ୍ତା ବିଶେଷ କରି ବାରାକୁଟି ଆଦିବାସୀ ସାହିର ୩ଶହ ଗ୍ରାମବାସୀଙ୍କୁ ସ୍ୱାବଲମ୍ବୀ କରିବାରେ ମୁଖ୍ୟ ଆୟୁଧ ସାଜିବ ବୋଲି କହିଥିଲେ। ଜ୍ୟୋତି ପ୍ରକାଶ କର, ସୁଦାମ କୁଣ୍ଡୁ, ସୁଶାନ୍ତ କୁମାର ବେହେରା, ଧିରେନ କୁମାର ସେଣ୍ଠ, ରଞ୍ଜନ ନାୟକ, ସୌରଭ ରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପରେ ଗୋଳିହା ଠାରେ ନୂତନ ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟର ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ବ୍ୟତିତ ସରପଞ୍ଚ ପୁଷ୍ପଲତା ଘଡେଇ, ସମିତିସଭ୍ୟ ରଞ୍ଜନ କୁମାର ରାଉତ, ପ୍ରାକ୍ତନ ସରପଞ୍ଚ କ୍ଷେତ୍ରମୋହନ ଖଟୁଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ସାମଲ ଓ ଉଦ୍ଧବ ଘଡେଇ ସହଯୋଗ କରିଥିଲେ। ଶେଷରେ କୋଚିଆକୋଇଲି ଠାରେ ନିର୍ମିତ ହେବାକୁ ଥିବା ଅନ୍ୟ ଏକ ନୂତନ ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟର ଭୂମିପୂଜା କରାଯାଇଥିଲା। ମୁକେଶ ଜେନା, ରାଜୀବ ଲୋଚନ ପାଣି, ରାଜେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଣକ୍ୟ +୨ ବିଜ୍ଞାନ ଏକାଡେମୀ ପକ୍ଷରୁ ରକ୍ତଦାନ ଶିବିର

**ସୋର, ୨୩।୧(ସମିସ):** ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ଅବସରରେ ସୋର କଲେଜ ଛକ ସ୍ଥିତ ଚାଣକ୍ୟ +୨ ବିଜ୍ଞାନ ଏକାଡେମୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତଥା ସମାଜସେବୀ ଶଶିକାନ୍ତ ମିଶ୍ରଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବେଣୁଧର ମିଶ୍ର ଉଦ✝ାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଜେପି ମୁଖପାତ୍ର ଠାକୁର ରଞ୍ଜିତ ଦାସ, ସମ୍ମାନିତ ଅତିଥିଭାବେ ବିଜେପି ନେତା ରାକେଶ ମଳିକ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରୁ ମୋଟ ୨୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନୀଳଗିରି ବ୍ଲଡ ବ୍ୟାଙ୍କର ଡାକ୍ତର ଅମର ଜ୍ୟୋତି ବେହେରା, ଟେକ୍ନିସିଆନ ସରୋଜ ପାଷା, ସଂଗ୍ରାମ ଜ୍ୟୋତି ମହାପାତ୍ର, ବେଣୁଧର ରାଉଳ ଓ ନରେନ୍ଦ୍ର ମଳିକ ରକ୍ତଦାତାମାନଙ୍କର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ସହିତ ରକ୍ତ ସଂଗ୍ରହ କରିଥିଲେ। କାହ୍ନୁ ଚରଣ ବେହେରା, ରୁଦ୍ର ପ୍ରସାଦ ଦାସ, ପ୍ରିୟବ୍ରତ ପାଢ଼ୀ, ପ୍ରକାଶ ମାଝୀ, ଲାବଣ୍ୟ ସାମଲ, ପ୍ରିୟଂଶୁ ମାଝୀ, ଓମପ୍ରକାଶ ବାରିକ, ଚିନ୍ମୟ ସିଂ, ଅମର ଜ୍ୟୋତି ରାଉଳ, ଅଭୟ କୁମାର ପତ୍ରୀ ପ୍ରମୁଖ ସହଯୋଗ କରଥିଲେ।

# ମନମୁଖି କାର୍ଯ୍ୟ ନେଇ ପିଇଓଙ୍କ ବଦଳି ଦାବି



**ରାଇବଣିଆ, ୨୩।୧(ସମିସ):** ଜଳେଶ୍ୱର ବ୍ଲକ ସର୍ଦ୍ଦାରବନ୍ଧ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ପିଇଓ ତାରାକାନ୍ତ ସେନାପତି ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଏଠାରେ ରହିଅଛନ୍ତି। ସେ ସାଧାରଣ ଲୋକଙ୍କ କଥା ଶୁଣିବା ତ ଦୂରର କଥା ନିର୍ବାଚିତ ପ୍ରତିନିଧି ମାନଙ୍କର କଥା ମଧ୍ୟ ଶୁଣନ୍ତି ନାହିଁ ବୋଲି ଅଭିଯୋଗ ହୋଇଛି।

ଆଜି ଦିବା ୧୧ଘଟିକା ସମୟରେ ହେବାକୁ ଥିବା ଆମ ଓଡ଼ିଶା ନବିନ ଓଡ଼ିଶା କାର୍ଯ୍ୟର ପ୍ରସ୍ତୁତି ବୈଠକରେ ନିର୍ବାଚିତ ପ୍ରତିନିଧି ଓ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ନ ଜଣାଇ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ମାନଙ୍କ ଦ୍ୱାରା ବୈଠକ କରୁଥିଲେ ଯାହାକୁ ନେଇ ୱାର୍ଡ଼ ମେମ୍ବର ମାନେ ପିଇଓଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କୁ ଘେରି କରି ଆମ୍ଭ ମାନଙ୍କୁ କ'ଣ ପାଇଁ ପ୍ରସ୍ତୁତି ବୈଠକକୁ ଡ କାଯାଇ ନାହିଁ କହି ନିର୍ବାଚିତ ପ୍ରତିନିଧି ମାନେ ପ୍ରଶ୍ନ କରିଥିଲେ। ପିଇଓ ତାରାକାନ୍ତ ସେନାପତି ଉତ୍ତରରେ ଜଳେଶ୍ୱର ବିଡ଼ିଓ ଓ ବ୍ଲକ ଅଧକ୍ଷଙ୍କ ମନା କରିଛନ୍ତି କହି ଓ ଜନପ୍ରତିନିଧି ମାନଙ୍କୁ ଦୁର୍ବ୍ୟବହାର କରି ଖସି ଯାଇ ଥିଲେ। ଏ ନେଇ ଅଭିଯୋଗ କରିଛନ୍ତି ପଞ୍ଚାୟତର ସମିତି ସଭ୍ୟ ଗଣେଶ ଚନ୍ଦ୍ର ସୋରେନ୍, ସୁମିତ୍ରା ମହାନ୍ତ, ଭରତ ହାଁସଦା, ଭବାନୀ ସିଂ, କାହ୍ନୁ ଚରଣ ମହାନ୍ତ, ବୁଲୁ ସିଂ, ମହେନ୍ଦ୍ର ମାରାଣ୍ଡି, ନ୍ୟାବ ସରପଞ୍ଚ ସୁକୁମାର ହାଁସଦା। ପ୍ରମୁଖ ଉକ୍ତ ଘଟଣା ସମ୍ପକରେ ଆମେ ପଞ୍ଚାୟତ ପିଇଓ ତାରାକାନ୍ତ ସେନାପତିଙ୍କୁ ପଚାରିବାରୁ ସେ କହିଥିଲେ କି ମୁଁ ସରପଞ୍ଚଙ୍କୁ ଏ ବିଷୟରେ ଜଣାଇଛି। ଏହି ପରି ମନମାନି କାର୍ଯ୍ୟ ପାଇଁ ତାଙ୍କୁ ସେହି ପଞ୍ଚାୟତରୁ ବଦଳି ଦାବି ନେଇ ଜଳେଶ୍ୱର ବି.ଡ଼ି.ଓ ଏବଂ ଜିଲ୍ଲାପାଳଙ୍କୁ ପଞ୍ଚାୟତର ସରପଞ୍ଚ, ସେମିତି ସଭ୍ୟ, ଓ ୱାର୍ଡ଼ ମେମ୍ବର ମାନେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିନାହିଁ। ଯାହାକୁ ନେଇ ଆଗାମୀ ଦିନରେ ପଞ୍ଚାୟତର ନିର୍ବାଚିତ ପ୍ରତନିଧିମାନେ ପଞ୍ଚାୟତ ଫାଟକର ତାଲା ପକାଇବା ସହିତ ଧାରଣ ଦେବେ ବୋଲି ଚେତାବନୀ ଦେଇଛନ୍ତି।

# 'ସତ୍‌ସଙ୍ଗ ହିଁ ସମସ୍ତଙ୍କୁ ଏକତ୍ର କରିବାର ସାମର୍ଥ୍ୟ ରଖେ'

**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୩।୧(ସମିସ):** ପରମ ପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶୁଭ ୧୩୬ ତମ ଆବିର୍ଭାବ ମହା ମହୋତ୍ସବ ଓ ସତସଙ୍ଗ ବିହାର ଜଳେଶ୍ୱର ର ଚତୁର୍ଦ୍ଦଶ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ଆୟୋଜିତ ସଭାରେ ସତସଙ୍ଗ ହେଉଛି ମହାମିଳନ ର ତୀର୍ଥକ୍ଷେତ୍ର ଓ ସତସଙ୍ଗ ହିଁ ଜାତି, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ଏକତ୍ର କରିବାର ସାମର୍ଥ୍ୟ ରଖିଥାଏ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ପ୍ରତି ରତ୍ୱିକ ଡ. ବିନାୟକ ମହାପାତ୍ର, ସହ ପ୍ରତି ରତ୍?କ ଅଧ୍ୟାପକ କେଦାର ନାଥ ମହାନ୍ତି, ଶ୍ରୀଧର ସୁନ୍ଦର ମିଶ୍ର, ଅଜିତ କୁମାର ଦାସ, ମୁରଲୀଧର ଦାସ, ଗଣେଶ ଚନ୍ଦ୍ର ଜେନା, ରାସବିହାରୀ ଚକ୍ରବର୍ତ୍ତୀ, ପରିମଳ ରଞ୍ଜନ ଭୂୟାଁ, ବିଜୟ କେତନ ପଟ୍ଟନାୟକ, ନନ୍ଦନ କୁମାର ମିଶ୍ର, ବସନ୍ତ କୁମାର ସାହୁ, ପାର୍ଥ ସାରଥୀ ଘୋଷାଲ, ବଙ୍କିମ ଚନ୍ଦ୍ର ପାଲ, ରତ୍ନାକର ପଣ୍ଡା ଉପସ୍ଥିତ ଥିବା ବେଳେ ମୁଖ୍ୟ ଅତିଥି ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ସହ ପ୍ରତି ରତ୍ୱିକ ଡ. ବିଜୟ ନାୟକ ଯୋଗ ଦେଇ ସତସଙ୍ଗ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜପୁର ଓ ଝାଡେଶ୍ୱରପୁର ବସ୍ତିରୁ ମିର ମନସୁର ଅଲ୍ଲୀ, ଜାବେଦ ଖାନ, ଶେଖ ଇଶ୍ରାଇଲ, ଶେଖ ଅବ୍ବାସ ଉତ୍ସବ ରେ ଯୋଗ ଦେଇ ଏକ ଭାଇଚାରାର ନିଦର୍ଶନ ସାଜିଥିଲେ। ଏଥିସହିତ ସେମାନେ ମଧ୍ୟ ଠାକୁରଙ୍କ ସତସଙ୍ଗୀ ବିଚାରଧାରାକୁ ପ୍ରଶଂସା କରିଥିଲେ। ସଭା ପରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ପ୍ରକାର ବାଦ୍ୟ ଯନ୍ତ୍ର, ଖୋଳ କୀର୍ତ୍ତନ ଓ ଶଙ୍ଖ ହୁଳୁହୁଳି ଏବଂ ଠାକୁର ଅନୁକୂଳଙ୍କ ଭଜନରେ ପ୍ରକମ୍ପିତ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଡାକବଙ୍ଗଳା ରୁ ବାହାରି ସହର ପରିକ୍ରମା କରି ସତସଙ୍ଗ ବିହାର ଠାରେ ପହଞ୍ଚିଥିଲା। ହଜାର ହଜାର ଠାକୁର ପ୍ରେମୀ ତଥା ସତସଙ୍ଗୀ ଙ୍କ ବିପୁଳ ସମାଗମ ଯୋଗୁଁ ଏକ ଭକ୍ତି ତଥା ଆନନ୍ଦ ମୟ ପରିବେଶ ସୃଷ୍ଟି ହୋଇଥିଲା।




# ଶ୍ରୀରାମ ମନ୍ଦିର ନିର୍ମାଣ ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା




**ସୋର, ୨୩।୧(ସମିସ):** ସୋର ବ୍ଲକ କେଶରୀପୁର ପଞ୍ଚାୟତ ଫଟାର୍ଜୁନ ଛକଠାରେ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଅଯୋଦ୍ଧାର ଶ୍ରୀରାମ ମନ୍ଦିର ପିର୍ମାଣ କାର୍ଯ୍ୟାରେ ନିୟୋଜିତ ହୋଇଥିବା ପ୍ରସ୍ତର ଶିଳ୍ପୀମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଇତିହାସ ସଂକଳନ ସମିତିର ଅଧକ୍ଷ ବିକ୍ରମ କେଶରୀ ମହାପାତ୍ର ଯୋଗଦେଇ ରାମମନ୍ଦିର ନିର୍ମାଣରେ ଯୋଗଦାନ କରିଥିବା ଆମ ଅଞ୍ଚଳର ଶିଳ୍ପୀମାନଙ୍କର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅଧିକାରୀ ସବ୍ୟସାଚୀ ରଣା, ସୋର ଖଣ୍ଡର ପ୍ରମୁଖ ପ୍ରବୀଣଜିତ ସ୍ୱାଇଁ, ସମ୍ପର୍କ ପ୍ରମୁଖ ବିଜ୍ର ପଣ୍ଡା, ସରପଞ୍ଚ ନରେନ୍ଦ୍ର ବିଶ୍ୱାଳ ଯୋଗଦେଇ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବଉଳଗ?ଆର ସୁବ୍ରତ ମହାରଣା ଏବଂ ସହେଯୋଗୀ ଗୌତମ ମ?ୁଆଳ, ରଘୁନାଥ ମଡୁଆଳ, କେଶରୀପୁରର କୈଳାସ ବେହେରା, ମଙ୍ଗଳପୁରର ଜଗତଜୀବନ ମହାରଣା ଏବଂ ନୀଳଗିରିର ରବୀନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜେପି ନେତା ରାକେଶ ମଲ୍ଲିକ ସଂଯୋଜନା କରିଥିବା ବେଳେ ସମିତି ସଭ୍ୟ ମୁକେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟବସାୟୀ ଭଗ ଜେନାଙ୍କ ବିୟୋଗ

**ପଞ୍ଚଲିଙ୍ଗେଶ୍ୱର, ୨୩।୧(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ନୂଆ ପାଟଣା ଗ୍ରାମରେ ବିଶିଷ୍ଟ ବ୍ୟବସାୟୀ ଭଗ ଜେନା ନିଜେ କାଲି ସନ୍ଧ୍ୟାରେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କୁ ସୋର ଚିକିତ୍ସାଳୟ ଙ୍କୁ ନିଆ ଯାଇଥିଲା। ସନ୍ଧ୍ୟା ଆଠଟା ସମୟରେ ସେ ଦେହ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୪ବର୍ଷ ହୋଇଥିଲା। ସେ ଥିଲେ ସନ୍ତରାଗଡ଼ିଆ ବଜାରର ଜଣେ ବିଶିଷ୍ଟ ବ୍ୟବସାୟୀ। ତାଙ୍କର ଏହିପରି ଅକାଳ ବିୟୋଗ ପାଇଁ ସନ୍ତରାଗଡ଼ିଆ ବଜାର କମିଟି ପକ୍ଷରୁ ୧୨ଘଣ୍ଟା ସନ୍ତରାଗଡ଼ିଆ ବଜାର ବନ୍ଦ କରାଯାଇ ଶୋକ ପାଳନ କରିଥିଲେ। ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ ଙ୍କ ଶହ ବହୁ ଅଞ୍ଚଳ ର ବରିଷ୍ଠ ରାଜନୀତିଜ୍ଞ ଏବଂ ବଜାର କମିଟି ର ସମସ୍ତ ସଦସ୍ୟ ଙ୍କ ଉପସ୍ଥିତ ରହି ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାଥନା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ କରାଯାଇଛି।




# ନେତାଜୀ ଗ୍ରାମୀଣ ଉତ୍ସବ ଉଦ୍‌ଘାଟିତ

**ଭୋଗରାଇ, ୨୩।୧, (ସମିସ) :**



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ଅବସରରେ ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ନେତାଜୀ ପଡ଼ିଆଠାରେ ନେତାଜୀ ଗ୍ରାମୀଣ ଉତ୍ସବ ଉଦଘାଟିତ ହୋଇଯାଇଛି। ଜୟରାମପୁର ନେତାଜୀ କ୍ଲବ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଏବଂ ବାଲେଶ୍ୱର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଦ୍ୱାରା ପରିଚାଳିତ ଏହି ନେତାଜୀ ଗ୍ରାମୀଣ ଉତ୍ସବକୁ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ନେତାଜୀ କ୍ଲବର ସ୍ଥାୟୀ ସଭାପତି ସୁନୀଲ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ଦାସ ଯୋଗ ଦେଇ ନେତାଜୀଙ୍କ ଜୀବନ ବ୍ୟାପୀ ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇ ନେତାଜୀଙ୍କ ପ୍ରଜ୍ଞା, ଦୀପ୍ତି ଓ ଅଦ୍ୟମ ସାହସ ସହିତ ଦେଶମାତୃକାର ସ୍ୱାଧୀନତା ହାସଲ ପାଇଁ ଜୀବନ ଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ବିଶିଷ୍ଟ ସମାଜସେବୀ ଯାଦବେଶ ମିଶ୍ର ଓ ସୁଦର୍ଶନ ଜେନା ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଆପୋଷହୀନ ସଂଗ୍ରାମ ଓ ବଳିଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ପାଦକ ହରିନାରାୟଣ ଜେନା ଅତିଥି ପରିଚୟ ପ୍ରଦାନ ଓ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ସ୍ନେହାଶୀଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନେତାଜୀ ଗ୍ରାମୀଣ ଉତ୍ସବ ଅବସରରେ ପୂର୍ବାହ୍ନରେ ବିଭିନ୍ନ ବିଦ୍ୟାଳୟର ୬ ଶହରୁ ଉହରୁ ଛାତ୍ରଛାତ୍ରୀଙ୍କ ଗହଣରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ ପରେ ଆକର୍ଷଣୀୟ ପ୍ୟାରେଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କୁନି କୁନି କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭୋଗରାଇ ବ୍ଲକ ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ହସ୍ତଶିଳ୍ପ ଷ୍ଟଲ, ମୀନାବଜାର ଓ ମେଳା ଏହି ଗ୍ରାମୀଣ ଉତ୍ସବ ଅଧିକ ଆକର୍ଷଣୀୟ କରିଛି। ସଭା ପରେ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ସାଇଦୀପ ସାହୁ, ଚଳଚ୍ଚିତ୍ର ଅଭିନେତା ଅଭିନେତ୍ରୀ ପ୍ରିୟଙ୍କା ନାୟକ ଓ ପ୍ରଜ୍ଞା ପ୍ରଧାନ, ସାର୍ଥକ ଟିଭି ଚ୍ୟାନେଲର ବହୁ ଚର୍ଚ୍ଚିତ ସ୍ୱରଲକ୍ଷ୍ମୀ ବିଜେତା ରୂପସୀ ପାତ୍ର ପ୍ରମୁଖଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା। ନେତାଜୀ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନେତାଜୀଙ୍କ ଜୀବନୀ ଚିତ୍ର ଓ ସଉରା ଚିତ୍ରକଳା ପ୍ରସ୍ଫୁଟିତ







● ନେତାଜୀଙ୍କ ୧୪ଟି ଏବଂ ୬ଟି ସଉରା ଆର୍ଟ ଦର୍ଶକଙ୍କ ମନ ଜିଣୁଛି
● ବିନା ପ୍ରଶିକ୍ଷଣରେ ହୋଇଛି ସଉରା ଆର୍ଟ

**ବାଲେଶ୍ୱର, ୨୩।୧(ସମିସ):**

ଗ୍ୟାଲେରୀ କାନ୍ଥରେ ପ୍ରସ୍ଫୁଟିତ ହେଉଛି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ-ଚିତ୍ର ଓ ସଉରା ଆର୍ଟ। ଉଦବୋଧିତ ହେଉଛନ୍ତି ପିଲାଠୁ ବୟସ୍କ। 'ତୁମେ ମୋତେ ରକ୍ତ ଦିଅ, ମୁଁ ତମକୁ ସ୍ୱାଧୀନତା ଦେବି' ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଏଭଳି ଆହ୍ୱାନ ଆଜି ବି ସମସ୍ତଙ୍କ ମନରେ ଉଦ୍ଦୀପନା ଭରିଦିଏ। କାରଣ ଦେଶର ସ୍ୱାଧୀନତା କ୍ଷେତ୍ରରେ ନେତାଜୀଙ୍କ ଅବଦାନକୁ ଏବେ ଗ୍ୟାଲେରୀ କାନ୍ଥ ବି ବଖାଣୁଛି। ଯେଉଁ ଗ୍ୟାଲେରୀ କାନ୍ଥରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୪ଟି ଚିତ୍ର ଏବଂ ୬ଟି ଆଦିବାସୀ ସମ୍ପ୍ରଦାୟର ପରମ୍ପରା ଓ ସଂସ୍କୃତିର ଚିତ୍ର କାନଭାସ୍‌ରେ ପ୍ରଦର୍ଶିତ ହୋଇଛି। ସେହିପରି ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ଓ ଜୀବନ ଜୀବିକାକୁ ନେଇ ମନକୁ ବାନ୍ଧି ରଖିଲା ଭଳି ରହିଛି ସୁନ୍ଦର ଚିତ୍ରକଳା। ଯିଏ ଦେଖିବ ସିଏ ନିଶ୍ଚୟ ଘଡିଏ ଅଟକିବ। ଦେଖିଲେ ଆଦୌ ଲାଗିବନି ଯେ ଏହା ବିନା ପ୍ରଶିକ୍ଷଣରେ ତିଆରି କରିଛନ୍ତି ନିଖୁଣ ଚିତ୍ରଶିଳ୍ପୀ। ବିଶେଷକରି କାନଭାସ୍‌ରେ ରହିଛି ସୌରା ଆର୍ଟ। ଏ ହେଉଛି ବାଲେଶ୍ୱର ସହର ମଲ୍ଲିକାଶପୁରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଓଡ଼ିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଚାଲିଥିବା ସମସାମୟିକ ଚିତ୍ରକଳା ପ୍ରଦର୍ଶନୀର ଦୃଶ୍ୟ। ଯେଉଁଠି ଜମୁଛି ଭିଡ଼ ଏବଂ ଚମକୁଛି ଆର୍ଟ ଗ୍ୟାଲେରୀ।

ସୂଚନାଯୋଗ୍ୟ, 'ସମସାମୟିକ ଚିତ୍ର ପ୍ରଦର୍ଶନୀ'ରେ ରାଜ୍ୟର ୪୦ଜଣ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀ ମାନଙ୍କର ଚିତ୍ର ସ୍ଥାନିତ ହୋଇଛି। ସେଥିରୁ ଓଡ଼ିଶା ଭିତରେ ୩୮ ଜଣ ଚିତ୍ରଶିଳ୍ପୀ ଏବଂ ଓଡ଼ିଶା ବାହାର ୨ ଜଣ(ଉତ୍ତର ପ୍ରଦେଶ) ଚିତ୍ରଶିଳ୍ପୀଙ୍କ ଚିତ୍ର ଏହି ପ୍ରଦର୍ଶନୀରେ ସ୍ଥାନିତ। ତେବେ ୪୦ ଟି ଚିତ୍ର ମଧ୍ୟରୁ ୧୪ଟି ନେତାଜୀଙ୍କ ସମ୍ପର୍କିତ ଚିତ୍ର ରହିଛି। ଜୟଦେବ ଓଝା, ରାଜକୁମାର ବେହେରା, ମମତା ସାମନ୍ତରାୟ, ସତ୍ୟଜିତ ହାଲଦାର, ସୁଜିତ କୁମାର ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ଶୁକ୍ଲା, ସୁଶାନ୍ତ କୁମାର ବେହେରା, ନିଗମାନନ୍ଦ ସ୍ୱାଇଁ, ଅଶୋକ କୁମାର ସାହୁ, ଅଜୟ କୁମାର ଓଝା, ପ୍ରତି ରଞ୍ଜନ ମଲ୍ଲିକ, ନିରଞ୍ଜନ ତ୍ରିପାଠୀ, ବ୍ରଜ କିଶୋର ଜେନା ଓ ଅନ୍ତର୍ଯ୍ୟାମି ଦାସଙ୍କ ଦ୍ୱାରା ଅଙ୍କିତ ସୁଭାଷ ବୋଷଙ୍କ ଚିତ୍ର ପ୍ରଦର୍ଶିତ ହୋଇଛି। ସେହିଭଳି କୋରାପୁଟର ୬ ଜଣ ଚିତ୍ରଶିଳ୍ପୀ ଝୁନୁ ମୁଣ୍ଡା, କୁମାରୀ ସୋନିଆ, ଆର. ବାଗ, ରଶ୍ମୀ, ସ୍ନେହଲତା ଫଳ ଓ ପୁଷ୍ପାଞ୍ଜଳିଙ୍କ ସୌରା ଆର୍ଟ ପ୍ରଦର୍ଶିତ ହୋଇଛି। ସେମାନେ ତାଙ୍କର ଜୀବନଗତ ଶୈଳୀରେ ଆଙ୍କୁଥିବା ଚିତ୍ରକୁ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଛି। ଆଦିବାସୀ ସମ୍ପ୍ରଦାୟର ଚିତ୍ରକଳା ନୈପୁଣ୍ୟତାକୁ ନିଜ ଚିତ୍ର ମାଧ୍ୟମରେ ଫୁଟାଇଛନ୍ତି। ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ଏହି ଚିତ୍ରଶିଳ୍ପୀ ଆଦିବାସୀ ସମ୍ପ୍ରଦାୟର(କୋରାପୁଟ), ଯେଉଁମାନେ ବିନା ପ୍ରଶିକ୍ଷଣରେ ଏଭଳି ସୁନ୍ଦର ଚିତ୍ର ଆଙ୍କିଛନ୍ତି। ଏକ୍ରେଲିକ ଓ କାନଭାସ୍ ମାଧ୍ୟମରେ ଏଭଳି ଚିତ୍ର ତିଆରି କରିଛନ୍ତି ଚିତ୍ରଶିଳ୍ପୀ। ପ୍ରକାଶ ଥାଉକି, ଏହି ପ୍ରଦର୍ଶନୀରେ ସାମ୍ପ୍ରତିକ ସମାଜର ଘଟଣା, ଐତିହାସିକ, ପୌରାଣିକ, ଆଦିବାସୀ ଚିତ୍ରକଳା ମାନ ଆଧୁନିକ ଶୈଳୀରେ ଅଙ୍କାଯାଇଛି। ଯାହା ସାଧାରଣ ଲୋକଙ୍କ ମନକୁ ବେଶ୍ ଛୁଇଁ ପାରିଛି।

● ଦୁଇ ଟ୍ରେନ ଅପରେଟିଂ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର

# ପ୍ରତିବାଦରେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟକଲେ ଅପରେଟିଂ ଷ୍ଟାଫ୍

**ବାଲେଶ୍ୱର, ୨୩।୧(ସମିସ):** ରେଲୱେ ବିଭାଗର ଦୁଇଜଣ ଟ୍ରେନ ଅପରେଟିଂ ଷ୍ଟାଫଙ୍କୁ ବେଆଇନ ଭାବେ ଚାକିରିରୁ ବହିଷ୍କାର କରାଯିବା ପ୍ରତିବାଦରେ ମଙ୍ଗଳବାର ଦିନ ସମଗ୍ର ଦେଶର ରେଲୱେ ବିଭାଗରେ କାର୍ଯ୍ୟରତ ୩୫ହଜାର ଟ୍ରେନ ଅପରେଟିଂ ଷ୍ଟାଫ ମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରେଲୱେ ଷ୍ଟେସନ ମ୍ୟାନେଜର ରମେଶ ବେରାଙ୍କ ସମେତ ଅନ୍ୟ ମାନେ ମଧ୍ୟ କଳା ବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଥିବାର ଦେଖା ଯାଇଛି।

# ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ




**ବାଲେଶ୍ୱର, ୨୩।୧(ସମିସ):** ବାଲେଶ୍ୱରର ସହରର ଫକୀର ମୋହନ ଗୋଲେଇ ଠାରେ ଅବହେଳିତ ଅବସ୍ଥାରେ ଥିବା ଯାତ୍ରୀ ବିଶ୍ରମାଗାରର ପୁରନୁଦ୍ଧାର ପରେ ଉଦ୍‌ଘାଟିତ ହୋଇଯାଇଛି। ମାରୱାଡି ମହିଳା ସମିତି ପକ୍ଷରୁ ଏହି ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସଦର ବିଧାୟକ ସ୍ୱରୂପ ଦାସ ଏହି ପ୍ରକଳ୍ପକୁ ଉଦଘାଟନ କରିବା ସହିତ ମାରୱାଡି ମହିଳା ସମିତିର କର୍ମକର୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସମାଜସେବୀ ରବିନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ। ବାଲେଶ୍ୱର ମାରୱାଡି ମହିଳା ସମିତିର ସଭାନେତ୍ରୀ ପ୍ରିୟା ଅଗ୍ରୱାଲ ଉଦଘାଟନୀ କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ବିଶ୍ରାମଗାର ଦୀର୍ଘ ଦିନରୁ ଅବହେଳିତ ହୋଇ ପଡ଼ିଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସଦର ବିଧାୟକଙ୍କ ଆ।।ହ୍ୱାନ କ୍ରମେ ଯାତ୍ରୀ ବିଶ୍ରାମଗାର ପୁରନୁଦ୍ଧାରର ଦାୟିତ୍ୱ ନେଇ ସଫଳତାର କାର୍ଯ୍ୟକାରୀ କରିଥିବା ଶ୍ରୀମତୀ ଅଗ୍ରୱାଲ କହିଥିଲେ। ଆଗାମୀ ଦିନରେ ଏହାର ରକ୍ଷାଣାବେକ୍ଷଣ ଦାୟିତ୍ୱ ମଧ୍ୟ ସମିତି ନେବ ବୋଲି ସେ ସୂଚନା ଦେଇଥିଲେ। ସମିତିର ସମ୍ପାଦିକା ସୋନାଲ ମୋଦି ଉପସ୍ଥିତ ରହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଯାତ୍ରୀ ବିଶ୍ରାମଗାର ପୁନରୁଦ୍ଧାର ନିର୍ମାଣ କାର୍ଯ୍ୟରେ ସମିତି ପକ୍ଷରୁ୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଶ୍ରୀମତି ମୋଦି ପ୍ରକାଶ କରିଥିଲେ। କୋଷାଧ୍ୟକ୍ଷା ଗୀତା ସୋମାନୀଙ୍କ ସମେତ ସମିତିର ବହୁ ସଦସ୍ୟା ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସମିତି ପକ୍ଷରୁ ସମସ୍ତଙ୍କୁ ଫୁଲଚାରା ପ୍ରଦାନ କରାଯାଇଥିଲା।

# ଶିବସେନାର ପ୍ରତିଷ୍ଠାତା ବାଲାସାହେବ ଠାକେରଙ୍କ ୯୮ତମ ଜୟନ୍ତୀ ପାଳିତ




**ବାଲେଶ୍ୱର, ୨୩।୧(ସମିସ):** ବାଲେଶ୍ୱର ଶିବସେନା ପକ୍ଷରୁ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକେରଙ୍କ ୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ଶିବସେନା ପ୍ରମୁଖ ପଦ୍ମଲୋଚନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅଜୟ କୁମାର ବିଶ୍ୱାଳ ଯୋଗଦେଇ ବାଲାସାହେବଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ବ୍ରାହ୍ମଣ ସମାଜର ସଭାପତି ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ଶିବସେନା ବାଲେଶ୍ୱରବାସୀଙ୍କର ବିପଦ ଓ ସମ୍ପଦର ବନ୍ଧୁ ବୋଲି କହିଥିଲେ। ଏହି ଜୟନ୍ତୀ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଭିନ୍ନଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ବାଲାସାହେବ ଠାକରେ-୨୦୨୪ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶେଷ କରି ଦେଶର ସୁରକ୍ଷା କ୍ଷେତ୍ରରେ ଜଗନ୍ନାଥ ପଣ୍ଡା, କୃଷି କ୍ଷେତ୍ରରେ ବିଜୟ କୁମାର ମହାପାତ୍ର, ସାମାଜିକ ବନୀକରଣ ପାଇଁ ଅଜୟ କୁମାର ପାତ୍ର, ଶିକ୍ଷା କ୍ଷେତ୍ରରେ ପ୍ରବୋଧ କୁମାର ପରିଡ଼ା, ସମାଜସେବା କ୍ଷେତ୍ରରେ ଉଦୟଭାନୁ ନାୟକ, ଗୋ ସେବା କ୍ଷେତ୍ରରେ ସମ୍ବିତ କୁମାର ଦାସ, ସଙ୍ଗୀତ କ୍ଷେତ୍ରରେ ବେଣୁଧର ଦାସ, ସୁନ୍ଦର ସ୍ୱାସ୍ଥ୍ୟ କ୍ଷେତ୍ରରେ ବିବେକନନ୍ଦ ନାଥ, ପୁରାତନ ସମରକଳା କ୍ଷେତ୍ରରେ ଇପସିତା ମାଝୀ, ବିଶ୍ୱଜିତ ନାଥ, ସତ୍ୟଜିତ ସାମଲ, ଜସ୍ମିନ ନାଥ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହାବ୍ୟତିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ମଧୁସ୍ମିତା ସାହୁ, ସୀମାରାଣୀ ମହାନ୍ତି, ସତ୍ୟବ୍ରତ ଲେଙ୍କା, ଦୀପ୍ତିରାଣୀ ପଣ୍ଡା, କ୍ରୀଷ୍ଣା କୌଶିକ, ରୋନକ ପାଣିଗ୍ରାହୀ, ଆକାଂକ୍ଷା ପଟ୍ଟନାୟକ, ଅରମାନ ବେହେରା, ଅଙ୍କିତ କୁମାର ଦାସ, ଆୟୁଷି ମହାପାତ୍ର, ଦିବ୍ୟାଂଶୀ ସମୀକ୍ଷା, ଜ୍ୟୋତିପ୍ରଭା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମରକଳା କ୍ଷେତ୍ରରେ ଚିତରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକେରଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରମୁଖ ମନୋରଞ୍ଜନ ପରିଡ଼ା, ସଚିବ ଫୁନା ମହାପାତ୍ର, ସୁରେଶଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।

# 'ସହାୟକ' ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୨୩।୧(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଅବସରରେ ଆଜି ସ୍ୱେଚ୍ଛାସେବୀ ସଙ୍ଗଠନ 'ସହାୟକ' ପକ୍ଷରୁ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡ. ବସନ୍ତ କୁମାର ଉପାଧ୍ୟାୟ ଏହି ଶିବିରକୁ ଉଦଘାଟନ କରିଥିଲେ। ରକ୍ତ ସଂଗ୍ରହ କାର୍ଯ୍ୟରେ ସହଯୋଗୀ ଡ ତାରାକାନ୍ତ ନନ୍ଦ ଓ ତାଙ୍କର ସହକର୍ମୀମାନେ ସହଯୋଗ କରିଥିଲେ। ସଙ୍ଗଠନର ସଭାପତି ଡ କ୍ଷିତୀଶ୍ୱର ଦାଶ, ସମ୍ପାଦକ ଇଂ ହୃଷିକେଶ ସାହୁ, ବରିଷ୍ଠ ଉପଦେଷ୍ଟା ଇଂ ବନମାଳୀ ନାୟକ, ପୂର୍ବତନ ସଭାପତି ଦିବାକର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଗଙ୍ଗାଧର ପୃଷ୍ଟି, ବସନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନାୟକ, ଯଶୋଦା ନନ୍ଦନ ଆଶ, ଶଶାଙ୍କ ଶେଖର ଦତ, ରମେଶ ଚନ୍ଦ୍ର ଜେନା, ବେଣୁଧର ପାଳ, ଇଂ କେଶବ ଚନ୍ଦ୍ର ମହାନ୍ତି, ଯୋଗେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ କୁମାର କର, ପୁରୁଷୋତମ ବେହେରା, ଶେଖ ଆଲ୍ଲାଦିନ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଶ୍ୟାମସୁନ୍ଦର ଜେନା, ସୁରେନ୍ଦ୍ର ପ୍ରସାଦ ଧଳ, ଇଂ ଶ୍ରୀରାମ ପ୍ରସାଦ ଦାଶ, ସାବିତ୍ରୀ ଦାସ, ପ୍ରଣିତା ମିଶ୍ର, ଭବେଶଚନ୍ଦ୍ର ପଣ୍ଡା, ସୁଦେଶ ରଞ୍ଜନ ମହାପାତ୍ର, ରାମଚନ୍ଦ୍ର ବାଗ, ବକୁଳ ରାୟ, ରବୀନ୍ଦ୍ରନାଥ ପାଣି, ଗୁଣାକର ଦେ, ଇଂ ଶଶାଙ୍କ ଶେଖର ଦେ, ଗୌରାଙ୍ଗ ପାଣିଗ୍ରାହୀ, ଦାମୋଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୩୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।



# ସିଭିଲ୍ ସୋସାଇଟିର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ




**ବାଲେଶ୍ୱର, ୨୩।୧(ସମିସ):** ଆସନ୍ତା ୨୮ରେ ବାଲେଶ୍ୱର ସିଭିଲ ସୋସାଇଟି ପକ୍ଷରୁ ବାର୍ଷିକ ସମ୍ମିଳନୀ ପାଇଁ ଶେଷ ପ୍ରସ୍ତୁତି ବୈଠକ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସଭା ଆଜି ସ୍ଥାନୀୟ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ନେତାଜୀଙ୍କ ଫଟୋଚିତ୍ରରେ ଉପସ୍ଥିତମାନେ ପୁଷ୍ପ ପ୍ରଦାନ କରି ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ଏକମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୋସାଇଟିର ଆସନ୍ତା ଏକାଦଶ ବାର୍ଷିକ ସମ୍ମିଳନୀର ପ୍ରତିନିଧି ଅଧିବେଶନ ଉଦ୍‌ଘାଟନୀ ଉତ୍ସବରେ ବାଲେଶ୍ୱର ଜିଲ୍ଲାପାଳ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଅତିଥି ଭାବେ ଯୋଗଦେବେ। ସେହିପରି ଅପରାହ୍ନ ସାଧାରଣ ସଭାରେ ସାମ୍ବାଦିକ ରବି ଦାସ ଓ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ନାୟକ ଅତିଥି ଓ ବକ୍ତାଭାବେ ଯୋଗଦେବେ ବୋଲି ସମ୍ପାଦକ ମନୋଜ ନାୟକ କହିଥିଲେ। ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ କାର୍ଯ୍ୟସୂଚୀ ଓ ଖର୍ଚ୍ଚ ଅଟକଳ ଆଗତ କରିବା ପରେ ତାହା ଗୃହୀତ ହୋଇଥିଲା। ସମ୍ମିଳନୀର ପ୍ରତିନିଧି ଅଧିବେଶନରେ ଆସନ୍ତା ୩ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯିବ। ଓ ବାଲେଶ୍ୱର ଜିଲ୍ଲାର ସାମୂହିକ ଜନସମସ୍ୟା ଉପରେ ଆଲୋଚନା ଓ ପ୍ରସ୍ତାବ ଗ୍ରହଣ କରାଯିବ। ସମାଜକୁ ବିଶିଷ୍ଟ ସେବା ପ୍ରଦାନ କରିଥିବା ବ୍ୟକ୍ତିମାନଙ୍କୁ ସୋସାଇଟି ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିବେ। ଏହି ବୈଠକରେ ବିପ୍ଳବ ମହାନ୍ତି, ଅରୁଣ ଜେନା, ନିରଞ୍ଜନ ପରିଡ଼ା, ଶରତ ମହାପାତ୍ର, ଉର୍ମିଳା ମାଝୀ, ଗଣେଶ୍ୱର ରାଉତ, ନନ୍ଦନ ପାଲ, ଇକବାଲ ଖାନ, କବି ଅଭୟ ଦାସ, ଦାମୋଦର ନାୟକ, ଲକ୍ଷ୍ମୀନାରାୟଣ ଘୋଷ, ବରେନ ପାତ୍ର, ନଗେନ୍ଦ୍ର ପାଢ଼ି, ସୁରେନ୍ଦ୍ର ପଣ୍ଡା, ଶରତ ଦଳାଇ, ସୁଦର୍ଶନ ଜେନା, ସନ୍ତୋଷ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ତ୍ରିଲୋଚନଙ୍କୁ ୨ଟି ସ୍ୱର୍ଣ୍ଣ ଓ ଭବେଶଙ୍କୁ ୨ଟି ରୌପ୍ୟ ପଦକ






**ବାଲେଶ୍ୱର, ୨୩।୧(ସମିସ):** ବାଲେଶ୍ୱରର ତ୍ରିଲୋଚନ ରଣା ଓ ଭବେଶ ଚନ୍ଦ୍ର ଦୀକ୍ଷିତ କୃତିତ୍ୱ ହାସଲ କରିଛନ୍ତି। ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ତ୍ରିଲୋଚନ ରଣା ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ଓଡ଼ିଶା କରାଟେ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଓଡ଼ିଶା ରାଜ୍ୟ କରାଟେ ଚାମ୍ପିଅନସିପ୍ ଅଂଶଗ୍ରହଣ କରି ଦୁଇ ବିଭାଗରୁ ଦୁଇଟି ସ୍ୱର୍ଣ୍ଣ ପଦକ ଆଣି ବାଲେଶ୍ୱର ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ସେହିଭଳି ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନର ପ୍ରଥମ ବର୍ଷର ଛାତ୍ର ଭବେଶ ଚନ୍ଦ୍ର ଦୀକ୍ଷିତ ଜାତୀୟ ସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ୧୯ ରୁ ୨୧ ତାରିଖର ପର୍ଯ୍ୟନ୍ତ ରାଜସ୍ଥାନରେ ତାଏକୋଣ୍ଡୋ ଫେଡେରେସନ୍ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭବେଶ ମଧ୍ୟ ରାଜ୍ୟ ତଥା ବାଲେଶ୍ୱର ପାଇଁ ଗର୍ବ ଆଣିଛନ୍ତି।

# ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ

**ବାଲେଶ୍ୱର, ୨୩।୧(ସମିସ):**




ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତଥା ବାଲେଶ୍ୱର ଜିଲ୍ଲା ଜୁନିଅର ରେଡକ୍ରସ ସୋସାଇଟିର ମିଳିତ ଆନୁକୂଲ୍ୟରେ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ସ୍ଥାନୀୟ ଜିଲ୍ଲା ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାସ୍କୁଲର ପ୍ରଧାନଶିକ୍ଷକ ସୂର୍ଯ୍ୟଶିଖା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ରେମୁଣାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷା କଳ୍ପନା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀତନୟା ଗିରି ଓ ଧରଣୀଧର ପାତ୍ର ଏବଂ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନିଗ୍ଧା ପଣ୍ଡା ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ଯୁଗ୍ମ ସମ୍ପାଦକ ଓ ରାଜ୍ୟ ସାଧନକର୍ମୀ ବାମନ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଶିବିରର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାର ୧୮୪ସ୍କୁଲରୁ ୩୧୬ ବାଳକ ଜୁନିଅର, ୯୮ବାଳିକା ଜୁନିଅରଙ୍କ ସହିତ ୧୦୯ପୁରୁଷ କାଉନସିଲର, ୭୫ମହିଳା କାଉନସିଲର, ୧୦ଜଣ ସାଧନକର୍ମୀ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ଆଦି ମୋଟ ୬୫୩ ଜଣ ଅଂଶଗ୍ରହଣ କରିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରିବା ସହ ନିଜର ମତ ରଖିଥିଲେ।

# ନୂଆ-ଓ ଫେଷ୍ଟ କାର୍ଯ୍ୟକ୍ରମରେ ଭାଗ ନେବେ ୧୩୨୦ ପ୍ରତିଯୋଗୀ

**ଆନନ୍ଦପୁର,୨୩ା୧(ସମିସ):** ନୂଆ-ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଫେଷ୍ଟିଭାଲକୁ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ମହାବିଦ୍ୟାଳୟରୁ ୧୩୨୦ ପ୍ରତିଯୋଗୀ ଭାଗ ନେବେ ବୋଲି ଆନନ୍ଦପୁର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଉପାୟରେ ପରିଚାଳନା କରିବା ସହିତ ଜିଲାସ୍ତରୀୟ ଫେଷ୍ଟିଭାଲ ରେ ପ୍ରତିଯୋଗୀମାନେ ଯୋଗ ଦେବା ପାଇଁ ଆଜି ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳଙ୍କ ସଭାଗୃହରେ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ସହକାରୀ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଏହି ଜିଲ୍ଲାସ୍ତରୀୟ ଫେଷ୍ଟିଭାଲ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଆନନ୍ଦପୁର ଉପଖଣ୍ଡର ୨୩ଟି ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ଘସିପୁରା ବିଡିଓ ମାନସ ରଞ୍ଜନ ସାମଲ, ଅତିରିକ୍ତ ତହସିଲଦାର ମନୋଜ କେରେକେଟା, ସାହେବ ରାମ ବାସ୍କେ, ଘସିପୁରା ତହସିଲଦାର ନୀଳକଣ୍ଠ ତହସିଲଦାର ନୀଳକଣ୍ଠ ବେହେରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଗୌରାଙ୍ଗ ଚରଣ ଜେନା ଓ ପ୍ରଶନ କୁମାର ରାମ ପରିଚାଳନା କରିଥିଲେ ।

# ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ

**ତେଲକୋଇ, ୨୩ା୧ (ସମିସ):** ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏକଦିବସୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପଇଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତେଲକୋଇ ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଛାତ୍ରୀ ଅଭିଭାବକ ଯଶୋବନ୍ତ ନାୟକ ଓ ବିଶିଷ୍ଟ ସାହିତ୍ୟିକ ଜଗବନ୍ଧୁ ସାହୁ ଏବଂ ବହୁ ପୁରାତନ ଛାତ୍ରୀଛାତ୍ରୀ ଅଭିଭାବକମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀ ମାନଙ୍କଦ୍ୱାରା କବିତା ଆବୃତ୍ତି, ଗଳ୍ପ କଥନ ଓ କ୍ଷୁଦ୍ର ନାଟିକା ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର ସାହିତ୍ୟ ସୃଜନୀ ମେଣ୍ଟର ଚୈତନ ଚରଣ ନାୟକ, ଜିଜ୍ଞାସା କ୍ଲବ୍‌ର ମେଣ୍ଟର ମନୋଜ କୁମାର ସାହୁ, କୌଶଳୀ କ୍ଲବ୍‌ର ମେଣ୍ଟର ପୁଷ୍ପଲତା ଝରା, କ୍ରୀଡ଼ାଙ୍ଗନ କ୍ଲବ୍‌ର ମେଣ୍ଟର କୌଶଲ୍ୟା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହିନ୍ଦୀ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ ସଂଯୋଜନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଘରକୁ ଫେରିଲେ ଅପହୃତ ସୁଦାମ

**ବେଲବାହାଲି,୨୩ା୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍ଗପଡାର ନିଖୋଜ ଥିବା ସୁଦାମ ଚରଣ ସାହୁ ଆଜି ନିଜ ଘରକୁ ଫେରିବା ପରେ ପରିବାର ଲୋକେ ଆତ୍ମସନ୍ତୋଷ ଲାଭ କରିଛନ୍ତି । ଗତ ତିନି ଦିନ ଧରି ନିଖୋଜ ଥିବା ସୁଦାମଙ୍କୁ କେତେକ ଦୁର୍ବୃତ୍ତ ତାଙ୍କ ଟେଲରିଂ ସପ୍‌ରେ ଏକ ଅମୂଲ କୁଲ୍ ଥଣ୍ଡା ପାନୀୟ ପିଇବାକୁ ଦେବା ପରେ ତାଙ୍କୁ ନିସ୍ତେଜ ଅବସ୍ଥାରେ ଅପହରଣ କରିନେଇଥିଲେ । ତହିଁ ପରଦିନ ତାଙ୍କର ସଂଜ୍ଞା ଫେରିବାରୁ ସେ କଟକ ବଡ ମେଡିକାଲ ନିକଟରେ ପଡିଥିବା ଜାଣିବାକୁ ପାଇଥିଲେ । ବଡ଼ମେଡିକାଲ ମୁଖ୍ୟ ଫାଟକ ନିକଟରେ ବିକ୍ରି ହେଉଥିବା 'ସକାଳ' ଖବର କାଗଜରୁ ତାଙ୍କ ନିଖୋଜ ସମ୍ପର୍କରେ ଖବର ପଢ଼ିବା ପରେ ଇତଃସ୍ତତ ଭାବେ ବାଦାମବାଡି ବସ୍‌ଷ୍ଟାଣ୍ଡକୁ ଆସି ଆନନ୍ଦପୁର ବସ୍ ଯୋଗେ ଘରକୁ ଫେରି ଆସିବା ପରେ ପରିବାର ଲୋକେ ଆଶ୍ୱସ୍ତିଲାଭ କରିଛନ୍ତି । ତେବେ ଅମୂଲକୁଲ୍‌ରେ ନିଶା ଔଷଧ ଦେଇ ଦୁର୍ବୃତ୍ତମାନେ ତାଙ୍କ ପାଖରେ ଥିବା ନଗଦ ଟଙ୍କା, ମୋବାଇଲ ଫୋନ ଓ ଅନ୍ୟାନ୍ୟ ଆସବାବପତ୍ର ଲୁଟିନେଇଥିବା ସୁଦାମ ଆମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ସୁଦାମ ଆଜକୁ ୭ ବର୍ଷ ଧରି ଭୁବନେଶ୍ୱରର ଏକ ଟେଲରିଂ ସଂସ୍ଥାରେ କାର୍ଯ୍ୟ କରିବା ସହିତ ପଳାଶୁଣୀ ବାରିକ ବନ୍ଧୁ ନିବାସରେ ରହୁଥିଲେ । ସେ ଗତ ଶନିବାର ୯.୪୦ ମିନିଟ ସମୟରେ ଫୋନ ଯୋଗେ ପରିବାର ଲୋକଙ୍କ ସହିତ କଥା ହୋଇଥିବା ବେଳେ ପରେ ତାଙ୍କ ଫୋନର ସୁଇଜ ଅଫ ହୋଇଯାଇଥିଲା । ପରେ ତାଙ୍କ ସହ ଯୋଗାଯୋଗ ହୋଇ ନପାରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଏଭଳି ନିଖୋଜ ସମ୍ପର୍କରେ ମଞ୍ଜେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।



# ମାଟି କାନ୍ଥ ପଡ଼ି ୨ ନାବାଳିକା ଗୁରୁତର

**ନାରଦପୁର/ଚମ୍ପୁଆ,୨୩ା୧(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ ଦ୍ୱିତୀୟ ଧନୁର୍ଜୟପୁର ଗ୍ରାମରେ କାନ୍ଥପଡ଼ି ୨ନାବାଳିକା ଗୁରୁତର ଓ ଜଣେ ଆହତ ହୋଇଥିବା ଜଣାପଡିଛି । ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ଯେ, ଆଜି ସନ୍ଧ୍ୟା ସମୟରେ ଉକ୍ତ ଗ୍ରାମର ବିନୋଡି ନାଏକଙ୍କ ଝିଅ ଦମୟନ୍ତୀ ନାଏକ, ସମରା ନାଏକଙ୍କ ଝିଅ ରୁଦ୍ରାଣି ନାଏକ ଓ ଗଣେଶ୍ୱର ନାଏକଙ୍କ ଝିଅ ରଶ୍ମିତା ନାଏକ ତିନି ଜଣ ଘରେ ରୋଷେଇ ହେଉଥିବା ବେଳେ ନିଆଁ ପୁଇଁ ହେଉଥିଲେ । ଏହି ସମୟରେ ହଠାତ ଘର ମାଟି କାନ୍ଥ ତାଙ୍କ ଉପରେ ପଡ଼ି ଯାଇଥିଲା । ଫଳରେ ସେମାନେ କାନ୍ଥ ପଡ଼ି ଦମୟନ୍ତୀ ଓ ରୁଦ୍ରାଣି ଗୁରୁତର ହୋଇପଡିଥିଲେ । ତାଙ୍କୁ ଲୋକେ ଉଦ୍ଧାର କରି ୧୦୮ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଲଗାଣ ବର୍ଷା ଯୋଗୁଁ ମାଟିକାନ୍ଥ ଦୁର୍ବଳ ହେବାରୁ ପଡ଼ି ଯାଇଥିଲା ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି ।

# କଳାବ୍ୟାଜ୍ ପିନ୍ଧି ଅଗ୍ନିଶମ କର୍ମଚାରୀଙ୍କ ପ୍ରତିବାଦ

**ଚମ୍ପୁଆ, ୨୩ା୧(ସମିସ):** ସମାନ ଦରମା ଓ ସଂଘକୁ ସରକାରୀ ଅନୁମତି ଦାବି ନେଇ ଓଡିଶା ଅଗ୍ନିଶମ କର୍ମଚାରୀ ମାନେ ପ୍ରତିବାଦ ଆରମ୍ଭ କରିଛନ୍ତି । ଚମ୍ପୁଆ ଅଗ୍ନିଶମ କର୍ମଚାରୀ ମାନେ ମଧ ଓଳିଏ ଖାଇ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ ଆରମ୍ଭ କରିଛନ୍ତି । ଏହି ପ୍ରତିବାଦ ଚମ୍ପୁଆ ଅଗ୍ନିଶମ ବିଭାଗର ଆଗ୍ନିକ, ଆଗ୍ନିକ ଡ୍ରାଇଭର, ହାବିଲଦାର ଏବଂ ଡ୍ରାଇଭର ହାବିଲଦାର ଆଦି ଧାରଣା ଦେଇଛନ୍ତି । ୨ ଦଫା ଦାବି ନେଇ ଅଗ୍ନିଶମ ବିଭାଗ କର୍ମଚାରୀ କାର୍ଯ୍ୟାଳୟ ଧାରଣା ଆରମ୍ଭ କରିଥିବା ବେଳେ ଦାବି ଅନୁଯାୟୀ ପୋଲିସ ବିଭାଗର ହାବିଲଦାର ଓ କନେଷ୍ଟବଳଙ୍କ ପରି ସମାନ ପରୀକ୍ଷା ଦେଇ ନିଯୁକ୍ତି ପାଇଥିଲେ ମଧ ଦରମାରେ ପାତର ଅନ୍ତର ୨୦୧୦ ପର୍ଯ୍ୟନ୍ତ ପୋଲିସ ସହ ଅଗ୍ନିଶମ କର୍ମଚାରୀଙ୍କ ଦରମା ସମାନ ରହିଥିଲେ ମଧ ଏହା ପରଠାରୁ ଦରମାରେ ପାତର ଅନ୍ତର କରାଯାଇଥିବା ବେଳେ ବିଭାଗ ପକ୍ଷରୁ ଉଚ୍ଚ ଅଧିକାରୀ ମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ହେଲେ କୌଣସି ସଫଳ ମିଳିପାରି ନଥିଲା । ଏପରିକି ୨୦୧୪ ମସିହାରୁ ଅଗ୍ନିଶମ କର୍ମଚାରୀଙ୍କ ଦାବିକୁ ସଂଘ ମାଧ୍ୟମରେ ଉପସ୍ଥାପନା କରାଯାଉଥିଲେ ମଧ ଏହି ସଂଘକୁ ଅଚଳ କରାଯାଇଥିବା ନେଇ ପ୍ରତିବାଦକୁ ତୀବ୍ର କରାଯାଇଛି ।

# ମଉଦା ଏମ୍‌ଇ ବିଦ୍ୟାଳୟ ଗୃହ ସମ୍ପୂର୍ଣ୍ଣ କେବେ

**ସୋସୋ, ୨୩ା୧ (ସମିସ) :** ହାଟଡିହି ବ୍ଲକ ସଢା ପଞ୍ଚାୟତ ମଉଦା ଏମଇ ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଡିଏମ୍‌ଏଫ ଅନୁଦାନରୁ ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ନୂତନ ଗୃହରେ ଶିକ୍ଷା ଗ୍ରହଣ କରିବେ ବୋଲି ଆଶା ବାନ୍ଧି ଥିବା ବେଳେ ଅଭିଭାବକ ମହଲରେ ପ୍ରଶାସନକୁ ପ୍ରଶଂସା କରିଥିଲେ । କିନ୍ତୁ ବର୍ଷ ବର୍ଷ ବିତିଯାଇଥିଲେ ବି ବିଦ୍ୟାଳୟର ଗୃହ ଓ ଅନନ୍ୟା କାର୍ଯ୍ୟ ସଂପୂର୍ଣ୍ଣ ହେଉନାହିଁ । କାର୍ଯ୍ୟର ମାନ ଠିକ ନଥିବା ବେଳେ ସଂପୂର୍ଣ୍ଣତା ନେଇ ଅନିଶ୍ଚତା ଦେଖାଦେଇଛି । ସରକାରଙ୍କ ନିୟମ ଅନୁଯାଇ ଟେଣ୍ଡର କାର୍ଯ୍ୟ ଗୁଡିକ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବାକୁ ଥିବାବେଳେ ଠିକାଦାର ମନ ଇଚ୍ଛାରେ କାମ କରୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଯତ୍ନବାନ ହେଉନାହାନ୍ତି । ପ୍ରଶାସନ ଠିକାଦାରଙ୍କ ଉପରେ ପଦକ୍ଷେପ ନେବାକୁ ସାହାସ ଯୁଟାଇ ପାରୁନଥିବାବେଳେ ଡିଏମ୍‌ଏଫ ଅନୁଦାନର କାର୍ଯ୍ୟର ମାନ ଓ ବିଳମ୍ବକୁ ନେଇ କିଏ ଦାୟୀ ବୋଲି ପ୍ରଶ୍ନ ଉଠିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ଦାବି ହେଉଛି ।



# ଗଡ଼ବାନ୍ଧଗୋଡ଼ାରେ ସ୍ମୃତିସଭା

**ଆନନ୍ଦପୁର,୨୩ା୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପନଚାୟତର ପୂର୍ବତନ ନାଏବ ସରପଞ୍ଚ ସୁଲୋଚନା ଚକ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ବିଚିତ୍ର ଚକ୍ରଙ୍କ ସଂଯୋଜନାରେ ଶିକ୍ଷାବିତ ଚିତ୍ତରଞ୍ଜନ ସାମନ୍ତ, କ୍ରୀଡାବିତ ପ୍ରମୋଦ କୁମାର ଦେଓ, ଅଧ୍ୟାପକ ରବିନାରାୟଣ ପାତ୍ର, ସଂଗ୍ରାମ କେଶରୀ ବଳସାମନ୍ତ, ଦେବାନନ୍ଦ ଚକ୍ର, ନରହରି ଜେନା, ଗୋକୁଳ ସାମଲ, ସ୍ମୃତିବାଳ ଚକ୍ର, ଜୟନ୍ତୀ ଚକ୍ର, ବିରଞ୍ଚି ସାମନ୍ତ, କାର୍ତ୍ତିକେଶ୍ୱର ଚକ୍ର, ଦିଲୀପ ଚକ୍ର, ସମରେନ୍ଦ୍ର ଚକ୍ର, ପ୍ରଶାନ୍ତ ଚକ୍ର ଯୋଗ ଦେଇ ସୁଲୋଚନାଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପ୍ରଶାସନିକ ଅଧିକାରୀ ସମ୍ବିତ ରାଉତ, ବିଶ୍ୱାମିତ୍ର ମହାନ୍ତ, କମଳାକାନ୍ତ ସୁର, ହଳଧର ସାହୁ, ଅଧ୍ୟାପକ ସନତ କର, ବୁଦ୍ଧିଜିବୀ ସେଲ ସଂଯୋଜକ ଡ. ଶମ୍ଭୁନାଥ ରାଉତ, ଯଜ୍ଞପ୍ରସାଦ ସାହୁ, ଭାଗିରଥୀ ପୃଷ୍ଟି, ପ୍ରମୋଦ ବରାଳ, ବିଷ୍ଣୁ ସାମଲ, ରିପନ ଚକ୍ର ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସାଇଁକୁଳ ହିଙ୍ଗୁଳା କପ ଫୁଟ୍‌ବଲ୍

# ଫାଇନାଲ୍‌ରେ ସୋଧପୁର କୋଲକତା

**ଘସିପୁରା,୨୩ା୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ରେ ଅନୁଷ୍ଠିତ ଜାତୀୟସ୍ତରୀୟ ହିଙ୍ଗୁଳା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ସୋଧପୁର କୋଲକତାଫାଇନାଲରେ ପ୍ରବେଶ କରିଛି । ଆଜି ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ ବାଦଲ ଏକାଡେମୀ ଭଦ୍ରକକୁ ୩-୨ ଗୋଲରେ ହରାଇ ପ୍ରଥମ ଦଳ ଭାବେ ସୋଧପୁର କୋଲକତା ଫାଇନାଲରେ ପ୍ରବେଶ କରିଛି । ଅତିଥି ଭାବେ ସମାଜସେବୀ ନିର୍ମଳଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ସ୍ଥାନୀୟ ଅଞ୍ଚଳର ଭେଟେରାନ ଫୁଟବଲ ଖେଳାଳି ରାମଚନ୍ଦ୍ର ଭଞ୍ଜଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତୋରୀୟ ଦେଇ ସମ୍ମାନୀତ କରାଯାଇଥିଲା । ମ୍ୟାଚ ପରିଚାଳନାରେ ରେଫରୀ ଭାବେ ମାନସ ବିଶ୍ୱାଳ, ରାମଚନ୍ଦ୍ର ବେସ୍ରା, ସୁଶାନ୍ତ ସିଂ, ଗଗନବିହାରୀ ପରିଡା ସକ୍ରିୟ ସହଯୋଗ କରିଥିଲେ । କ୍ଲବର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ମାର୍କଣ୍ଡ ସାମଲ, ଗୋପିନାଥ ସ୍ୱାଇଁ, ହିମାଦ୍ରି ଜେନା, ନନ୍ଦକିଶୋର ବେହେରା, ବିପିନ ବିହାରୀ ମହାନ୍ତି, ସୁରଥ ପାଢୀ, ରଙ୍ଗାଧର ସାହୁ, ବିଜୟ ଜେନା, ରବିନ୍ଦ୍ର ତ୍ରିପାଠୀ, ଶିବ ମହାରଣା, ଜଗବନ୍ଧୁ ପରିଡା, ତ୍ରିଲୋଚନ ପରିଡା ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।



# ଜଗନ୍ନାଥପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବଡ଼ଦେଉଳି ଏକାଦଶ ଚାମ୍ପିଅନ୍

**ପଟଣା, ୨୩ା୧ (ସମିସ):** ସାହାରପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଠାରେ ରାଧାକୃଷ୍ଣ ଯୁବକ ସଂଘ ଦ୍ୱାରା ଆୟୋଜିତ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଖେଳରେ ବଡ଼ଦେଉଳି ଏକାଦଶ ସହିତ ସିମିଡିହା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ନେଉଳି କ୍ରିକେଟ ଦଳ ସିମିଡିହା କ୍ରିକେଟ ଦଳକୁ ହରାଇ ଚାମ୍ପିଅନ ହୋଇଛି । ଉଦଯାପନୀ ମ୍ୟାଚରେ ଆମ୍ପାୟାର ଭାବେ ସୁଧୀର ଗିରି ଏବଂ ସ୍ୱରୂପ କୁମାର ନାଏକ ଖେଳକୁ ସୁପରି ଚାଳନା କରି ଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ଗଣ୍ଡବେଡା ପଞ୍ଚାୟତ ସମିତି ସଭ୍ୟା ପଦ୍ମିନୀ ନାଏକ, ଖୁଣ୍ଟାପଡା ପଞ୍ଚାୟତ ସମିତି ସଭ୍ୟ ନିରଞ୍ଜନ ଲୋହାର, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ରାଧାକୃଷ୍ଣ ଯୁବକ ସଂଘର ରବୀନ୍ଦ୍ର ନାଏକ, ସୁଧୀର ଗିରି, ସୁରେନ୍ଦ୍ର ମହାକୁଡ, ବିଜୟ କୁମାର ନାଏକ, ସିପୁନ ନାଏକ, ସନ୍ତୋଷ ନାଏକ, ଆଶିଷ ମହାକୁଡ, ସରୋଜ ନାଏକ, ରତନ ମହାକୁଡ, ଜତୀନ ମହାକୁଡ ପ୍ରମୁଖ ଖେଳ ପରିଚାଳନା ରେ ସକ୍ରିୟ ସହୋଯୋଗ କରିଥିଲେ ।




# ଭାରତ ମାତାର ଦୁଇ ପରାକ୍ରମୀ ବୀର ଥିଲେ ନେତାଜୀ ଓ ସୁରେନ୍ଦ୍ର ସାଏ







**ପାଟଣା,୨୩ା୧(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ସାଧକ ଓ ମହାନ ଜନନାୟକ ଥିଲେ ଏବଂ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର କ୍ରାନ୍ତିକାରୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଥିଲେ ବୋଲି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମତ ରଖିଥିଲେ । ଛାତ୍ରଛାତ୍ରୀ ଦେଶ ଓ ଜାତିର ବିକାଶରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷକ ଟଙ୍କଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଘସିପୁରା: ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦିନୀ ରାଉତଙ୍କ ସଂଯୋଜନା ଛାତ୍ରଛାତ୍ରୀ ସୁଭାଷ ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ବେଶରେ ସୁସଜ୍ଜିତ ହୋଇ ଗାଁ ପରିକ୍ରମା କରିଥିଲେ । ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଷ୍ଟାଡିୟମ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରିବା ସହିତ ତାଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ବିଦ୍ୟାଳୟର ସଭାଗୃହରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୁରୁମା ମଧୁସ୍ମିତା ରଣା, ଚିନ୍ମୟୀ ଶଙ୍ଖୁଆ, ଅନିତା ନାଥ, ମମତା ଦେଓ, ଆରତୀ ଲେଙ୍କା, ଅମ୍ବିକା ବେହେରା, ଗିରିଜା ସାମଲ, ପ୍ରିୟଦର୍ଶିନୀ ସ୍ୱାଇଁ, ଅନୁପମା ରାଉତ, ସେଲୀନା ସାହୁ, ସିପ୍ରାବେନ୍ ସାହୁ, ଗୁରୁଜୀ ପ୍ରଫୁଲ୍ଲ ବାରିକ, ହୃଦାନନ୍ଦ ମହାଳିକ,ଶୁଭ୍ର ଜ୍ୟୋତି ଓଝା, ଟଙ୍କଧର ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

**ବଡ଼ବିଲ:** ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ବଡ଼ବିଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଷରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ବଡ଼ବିଲ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମୁଖ୍ୟକିରାଣି ରାଜେନ୍ଦ୍ର ସିଂ, କାଉନସିଲର ରଶ୍ମିତା ମହାନ୍ତି, ଶିବାନନ୍ଦ ଚାମ୍ପିଆ, ଧର୍ମେନ୍ଦ୍ର ମହାନ୍ତ, ପୌରଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସହକାରୀ ଯନ୍ତ୍ରୀ ମାନସ ମାଝୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାସବିହାରୀ ପଇଡା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ସହ ପୌର କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଏହି ଜୟନ୍ତୀ କୁ ପାଳନ କରିଥିଲେ ।

**ହାଟଡ଼ିହି/ସୋସୋ:** ହାଟଡ଼ିହି ଚଣ୍ଡିଆବିରଞ୍ଚିପୁର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଏପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସଭାପତି ଉଦୟନାଥ କର ମୁଖ୍ୟଅତିଥିଭାବେ ଉପସ୍ଥିତ ଥିଲେ । ଉପାଧକ୍ଷ ଗୋଲକ ବିହାରୀ ସାହୁ ତାଙ୍କ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ ଦିବସ ଉପଲକ୍ଷେ ବିଦ୍ୟାଳୟରେ ଅଧ୍ୟୟନରତ ପିଲାଙ୍କ ମାଆ ମାନଙ୍କ ମଧ୍ୟରେ ଗୁପ୍ତଧନ ପ୍ରତିଯୋଗିତା, ଝୋଟିଚିତା, ପିକିଙ୍ଗ ଦ ବଲ୍ ଏବଂ ଲିମ୍ବିଙ୍ଗ ଗେମ୍ କରାଇ ପିଲାମାନଙ୍କ ହୃଦୟରେ କୌତୁହଳ ଜାତ କରାଯାଇଥିଲା । ଗୁପ୍ତଧନ ପ୍ରତିଯୋଗିତାରେ ଲଜ୍ଜିତା ସାହୁ ୧ମ ସ୍ଥାନ ଅଧିକାର କରିଥିବା ବେଳେ, ବିଷ୍ଣୁପ୍ରିୟା ଦାଶ ୨ୟ, ଓ ଦିପ୍ତିମୟୀ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ । ଝୋଟିଚିତା ପ୍ରତିଯୋଗିତାରେ ବିଷ୍ଣୁପ୍ରିୟା ଦାଶ ୧ମ ସ୍ଥାନ, ଦିପ୍ତିମୟୀ ସାହୁ ୨ୟ ସ୍ଥାନ ଓ ସଂଯୁକ୍ତା ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ । ପିକିଙ୍ଗ ଦ ବଲ୍ ପ୍ରତିଯୋଗିତାରେ ୧ମ ମଧୁସ୍ମିତା ବିଶ୍ୱାଳ, ୨ୟ ସୁନନ୍ଦା ସାହୁ ଓ ୩ୟ ସସ୍ମିତା ସୁଆର । ସେହିପରି ଲିମ୍ବିଙ୍ଗ ଗେମ୍ ପ୍ରତିଯୋଗିତାରେ ୧ମ ସୁନନ୍ଦା ସାହୁ, ତନ୍ମୟୀ ସାମଲ ୨ୟ ଓ ରଞ୍ଜିତା ଖୁଣ୍ଟିଆ ୩ୟ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗିତା ଗୁଡ଼ିକରେ ଶହେରୁ ଉହେର ମା' ମାନେ ଅଂଶଗ୍ରହଣ କରିଥିଲେ । ମାନଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା ଯୋଗଦେଇଥିଲା ବେଳେ ଉକ୍ତ କାର୍ଯ୍ୟକ୍ରମଟିକୁ ଦକ୍ଷ ତଥା ଅଭିଜ୍ଞ ଶିକ୍ଷକ ଓ ଶିକ୍ଷୟିତ୍ରୀ ତନୁଶ୍ରୀ ତନୟା ପହି, ରାଜେଶ ବେହେରା, ପାର୍ଥ ସାରଥୀ ଜେନା, ବିଜୟ କୁମାର ପହି ପରିଚାଳନା କରିଥିଲା ବେଳେ ଅନ୍ୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ ।

**ଆନନ୍ଦପୁର:** ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ସ୍ଥିତ ବିବେକାନନ୍ଦ ବିଦ୍ୟାଳୟରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସର୍ବଦା ଦେଶର ହିତ ପାଇଁ କାର୍ଯ୍ୟ କରିବାକୁ ଆଚାର୍ଯ୍ୟ ଗୌରାଙ୍ଗ ଜେନା, ଯୁଧିଷ୍ଠିର ସେଠୀ, ରସାନନ୍ଦ ବେହେରା, ପ୍ରଶାନ୍ତ କୁମାର ସା ଓ ସୁଧୀର କୁମାର ରାଉତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଜୟ କୁମାର ବେହେରା ଓ ଶିବଚରଣ ଦେହୁରୀ ପରିଚାଳନା କରିଥିଲେ ।

**ଆନନ୍ଦପୁର:** ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବୌଦ୍ଧିକ ମଣ୍ଡପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଦିବା ପର୍ଯ୍ୟାୟ ପ୍ରମୁଖ ପଙ୍କଜ କୁମାର ମହାନ୍ତିଙ୍କ ସଂଯୋଜନାରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ସରୋଜ ମିଶ୍ର ନେତାଜୀଙ୍କ ଜୀବନୀ ଓ ତ୍ୟାଗ ସମ୍ପର୍କରେ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ । ସେହିପରି ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ଆନନ୍ଦ ଭବନଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି । ପରିଷଦର ସଭାପତି ଡ. ଅଭିନ୍ନ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ପଦ୍ମନାଭ ପାତ୍ର ଉପସ୍ଥିତ ସମସ୍ତ ଆଲୋଚକ ଓ ସାରସ୍ୱତ ସାଧକମାନଙ୍କୁ ସ୍ୱାଗତ କରିଥିଲେ । ସାହିତ୍ୟିକ ରତ୍ନାକର ଦାସଙ୍କ ସଂଯୋଜନାରେ ଆଇନଜିବୀ ମହେନ୍ଦ୍ର ମହାପାତ୍ର, ଅଧ୍ୟାପକ ବିଜୟ ସାହୁ, ସାହିତ୍ୟିକ ରମାକାନ୍ତ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ କବି ବାଞ୍ଛାନିଧି ସାହୁ, ଆଦିକନ୍ଦ ରାମ, ସୁରେନ୍ଦ୍ର ଜେନା, ବିନୋଦ ଦାସ, ରାମଚନ୍ଦ୍ର ଜେନା, ପବିତ୍ର ମୋହନ ବେହେରା, ସୁଦାମ ଚରଣ ସାହୁ, ରଘୁନାଥ ପଣ୍ଡିତ, ଚିତ୍ତରଞ୍ଜନ ଦାଶ, ଚର୍ତୁଭୁଜ ଜେନା, ସାବିତ୍ରୀ ଦାସ ଓ ମମତା ଜେନା ନେତାଜୀଙ୍କ ଉପରେ ଆଧାରିତ ସ୍ୱରଚିତ କବିତା ଆବୃତି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ସାହିତ୍ୟିକ, ଲେଖକ, ଗାଳ୍ପିକ, କବି ଓ କବୟତ୍ରୀମାନେ ଯୋଗ ଦେଇଥିଲେ ।

**ବେଲବାହାଲି:** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍ଗପଡ଼ା ସ୍ଥିତ ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ବେଳେ ପ୍ରଥମେ ବିଦ୍ୟାଳୟରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ପ୍ରଥମେ ଦେଶ ଓ ଜାତି ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ ପରେ ଛାତ୍ରଛାତ୍ରୀ ,ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ନେତାଜୀଙ୍କ ଯିବନି ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ଅଜୟ କୁମାର ସାହୁ, ରଞ୍ଜନ କୁମାର ଜେନା, ମଦନ ମୋହନ ବାରିକ, ବୁଦ୍ଧଦେବ ପଣ୍ଡା, ରଘୁନାଥ ପଣ୍ଡା,ଶିକ୍ଷୟତ୍ରୀ ରଶ୍ମିତା ସାହୁ ଉପସ୍ଥିତ ଥିଲେ ।





**ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ**

# 'ଯୁଗେ ଯୁଗେ ନମସ୍ୟ, ଚିର ଅମର ରହିବେ ନେତାଜୀ ଓ ବୀର ସୁରେନ୍ଦ୍ର'
















**ଭୋଗରାଇ, ୨୩।୧ (ସମିସ) :**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଜଣେ ଆପୋଷହୀନ ସଂଗ୍ରାମୀ, ଦେଶ ମାତୃକାର ସୁଯୋଗ୍ୟ ସନ୍ତାନ, ଅନନ୍ୟ ଦେଶ ନାୟକ, ସ୍ୱାର୍ଥତ୍ୟାଗୀ ପୁରୁଷ। ତାଙ୍କ ନୀତି, ଆଦର୍ଶ, ଦେଶଭକ୍ତି, ପ୍ରଜ୍ଞା ଓ ସାହସିକତା ଯୁଗେ ଯୁଗେ ନମସ୍ୟ ଓ ଚିର ଅମର ହୋଇ ରହିବ ବୋଲି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ଅବସରରେ ଗୁନାଇବସାଣ ନେତାଜୀ ଯୁବକ ସଂଘ ପକ୍ଷରୁ ଦିବସ ବ୍ୟାପୀ ଆୟୋଜିତ ସମାବେଶରେ ମତପ୍ରକାଶ ପାଇଛି। ନେତାଜୀ ଯୁବକ ସଂଘର ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାହାବାଜିପୁର ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ପ୍ରାଧ୍ୟାପକ କାର୍ତ୍ତିକ ଚାନ୍ଦ, ଶିକ୍ଷୟିତ୍ରୀ ଜୟନ୍ତୀ ଦାସ, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇ ନେତାଜୀଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ତାଙ୍କ ଜୀବନୀ ଓ ଦେଶ ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅନନ୍ୟ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଯୁବକ ସଂଘର ସଭାପତି ଶିଶିର ଦତ୍ତ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଯୁବକ ସଂଘର ବରିଷ୍ଠ ସଦସ୍ୟ ଯଜ୍ଞେଶ୍ୱର ପାତ୍ର ମଞ୍ଚ ପରିଚାଳନା କରିଥିଲା ବେଳେ ସଂଘର ସମ୍ପାଦକ ମାନସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ୬ ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ ଓ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭା ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ସ୍ୱର୍ଗତ ଶ୍ୟାମସୁନ୍ଦର ଚନ୍ଦ ଓ ସ୍ୱର୍ଗତା କାଦମ୍ବିନୀ ଚନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ୩୦ ଜଣ ଗରିବ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ ସହିତ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଯୁବକ ସଂଘର ସଦସ୍ୟ ତଥା କୁମ୍ଭାରମୁଳି ପଞ୍ଚାୟତ ସମିତି ସଦସ୍ୟ ଆଶିଷ ପାତ୍ର, ଯୁବକ ସଂଘର ସଦସ୍ୟ ରବୀନ୍ଦ୍ର ପାତ୍ର, ସୁବାସ ଜେନା, ପ୍ରଦୀପ ଚନ୍ଦ, ଶଙ୍କର ସ୍ୱାଇଁ, ନନୀଗୋପାଳ ଚନ୍ଦ, ଚୈତନ୍ୟ ପାତ୍ର, ଡାକ୍ତର ଅନାଦି ରଞ୍ଜନ ପାତ୍ର, ସପନ ସ୍ୱାଇଁ, ଗିରିଶ ଦତ୍ତ, ରାକେଶ ଦତ୍ତ, ମଧୁସୂଦନ ଭାୟା ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

**ଜଳେଶ୍ୱର :** ପରାକ୍ରମ ଦିବସ ତଥା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଚ୍ଛିମପୁର ପଞ୍ଚାୟତ ଅନ୍ତର୍ଗତ ନଚ୍ଛିମପୁର ଉପ୍ରା ବିଦ୍ୟାଳୟ ସମ୍ମୁଖରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପଞ୍ଚାୟତବାସୀଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ତପନ ଜେନାଙ୍କ ଅଧ୍ୟକ୍ଷତାରେ ବିଜେପି ନଗର ସଭାପତି ଫାଲଗୁନି ପାଣିଗ୍ରାହୀ, ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, କଂଗ୍ରେସ ନେତା ସୁଦାମ ପାତ୍ର, ରିଙ୍କୁ ପାତ୍ର, ନିରଞ୍ଜନ ଦାସ, ନରୋତ୍ତମ ଦାସ, ସୁବଳ ପାତ୍ର, ଦୁର୍ଗା ଶଙ୍କର ଗିରି, ଗଣେଶ ପାତ୍ର, ସପନ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିପରି ନନ୍ଦିକା ଗ୍ରାମ ସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଆଇଜାକ ପରିଡ଼ାଙ୍କ ସଭାପତିତ୍ୱରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି। ଉକ୍ତ ସଭାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ, ଅଶୋକ ଦାସ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ମହାପୁରୁଷ ମାନଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅଜୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଳେଶ୍ୱର ବ୍ଲକ :** ଦୀନକୃଷ୍ଣ ମହାବିଦ୍ୟାଳୟର ଏସଏଫଆଇ ଛାତ୍ର ସଂଗଠନ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ ହୋଇ ଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଜଳେଶ୍ୱରସ୍ଥିତ ସି.ଆଇ.ଟି.ୟୁ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଛାତ୍ର ନେତା ଚନ୍ଦନ କମିଲାଙ୍କ ସଭାପତିତ୍ୟରେ ଅନୁଷ୍ଠିତ ଆଲୋଚନାରେ ଛାତ୍ର ପ୍ରିୟବ୍ରତ ନାୟକ, ରାଧା ଗୋବିନ୍ଦ ରଣା, ଜୀତେନ୍ଦ୍ର ଦାସ, ବିନୟ କୁମାର କାସ୍ତବ, କୁଳମଣି ବେହେରା, ସୁନୀଲ ଟୁଡ୍ଡୁ, ବିଷ୍ଣୁ ମାରାଣ୍ଡି, ରଞ୍ଜିତ ରାଉତ, ମନ୍ଦିପ ଜେନା, ରୁଦ୍ର ନାରାୟଣ ଜେନା, ଅମିଷା ମହାନ୍ତି, ପ୍ରିୟଙ୍କା ଦେ, ରଞ୍ଜିତା ଜେନା, ଇତିଶ୍ରୀ ସୁର ପ୍ରମୁଖ ନେତାଜୀଙ୍କ ଦେଶ ପ୍ରିତି ଓ ତାଙ୍କ ଜୀବନାଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଏସଏଫଆଇ ର ରାଜ୍ୟ ସମ୍ପାଦକ ଛାତ୍ରନେତା ଷ୍ଟାଲିନ ଲେଙ୍କା ଓ ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ଭବିଷ୍ୟତ ନେଇ ଆଲୋଚନା କରିଥିଲେ। ନେତାଜୀ ଜୟନ୍ତୀ ପାଳନ ଅବସରରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ ସମ୍ପାଦିକା ମହୁଆ ବସୁ ଏକ ବୈପ୍ଳବିକ ସଙ୍ଗୀତ ଗାନ କରିବା ସହିତ ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ପୂର୍ବତନ ରାଜ୍ୟ ଛାତ୍ରନେତା ଶିଶିର କୁମାର ଦୁଇ, ଦିଲ୍ଲିପ କୁମାର ଗିରି, ଦିଲ୍ଲିପ କୁମାର ପରିଡ଼ା, ଓ ସ୍ଥାନୀୟ ଶ୍ରମିକ ନେତା ପଲଟୁ ଦାସ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ପ୍ରେରଣା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସକରାତ୍ମକ ଭାବେ ପଦକ୍ଷେପ ନେଇଥିବା ଛାତ୍ରଛାତ୍ରୀ ତଥା ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ପୂର୍ବତନ ଛାତ୍ରନେତା ଦିପ୍ତିମାନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

**ଚୌକି :** ଭୋଗରାଇ ବ୍ଲକ ଅନ୍ତର୍ଗତ ମନ୍ଦାରସାହି ପଞ୍ଚାୟତର ସେହି ଗ୍ରାମର ଥିବା କାର୍ତ୍ତିକଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁଭା।ଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କର ଜନ୍ମ ଦିନ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ପାଳିତ ହୋଇଯାଇଛି। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଓ ଏକକ ଅଭିନୟ ହୋଇଥିଲା। ଏହି ସଂସ୍କୃତିକ ଉତ୍ସବ କାର୍ଯ୍ୟକ୍ରମରେ ସଭାପତିତ୍ୟ କଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସେଠୀ ମୁଖ୍ୟବକ୍ତା ସି ଆର୍ ସିସି ବେନୁଚରଣ ଜେନା ଶ୍ରେଣୀ ଶିକ୍ଷକ ଦିଲୀପ କୁମାର ଦତ୍ତ। ଅନିତା ମାହାନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଆଲୁମେନି ସଭାପତି ଶ୍ୟାମସୁନ୍ଦର ବେଜ ସମ୍ପାଦକ ଉତ୍ତମ ଦତ୍ତ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାରାଣୀ ଗିରି, ଅଂଶୁମାନ ପାଳ, ପ୍ରମଥ ଦାସ, ଏକ୍ରାମ ସାହା, ସୁଜାତା ଗିରି।

**ଆଜାଦ ଯୁଥ ଆସୋସିଏସନ :** ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଅନ୍ତର୍ଗତ ଚନ୍ଦନେଶ୍ୱର ଆଜାଦ ଯୁଥ ଆସୋସିଏସନ ଆନୁକୂଲ୍ୟରେ ନେତାଜୀଙ୍କ ୧୨୭ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ଚନ୍ଦନେଶ୍ୱର ନେତାଜୀ ମଇଦାନରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଏସୋସିଏସନର ଉପସଭାପତି ନିରାକାର ପାଣ୍ଡବ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀପତି ସାଁ ଯୋଗ ଦେଇ ଏହି ଦୁଇ ଦିନିଆ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରାଧ୍ୟାପକ ଅଚିନ୍ତ୍ୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁଶାନ୍ତ ଦାସ, ମହେଶ ଦେ, କାର୍ତ୍ତିକ ଜେନା ପ୍ରମୁଖ ଯୋଗ ଦେଇ ନେତାଜୀଙ୍କ ଜୀବନୀ ଓ ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅନନ୍ୟ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଆସୋସିଏସନର ସମ୍ପାଦକ ସୁକୁମାର ସାହୁ ଅତିଥି ପରିଚୟ ପ୍ରଦାନ ସହିତ ବିବରଣୀ ପାଠ କରିଥିଲା ବେଳେ ସହ ସମ୍ପାଦକ ହରେକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ସମାରୋହ ଅବସରରେ ସକାଳେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାନ୍ଧ୍ୟ ସଭା ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନାଟକ 'କୋଣାର୍କ ଓ ଧର୍ମପଦ' ପରିବେଷିତ ହୋଇଥିଲା। ଏସୋସିଏସନର ସଭାପତି ସରୋଜ ଖାଁ, କାର୍ଯ୍ୟକାରୀ ସଭାପତି ଧରଣୀଧର ସେନାପତି, କ୍ରିଷ୍ଣାରାଣୀ ସାହୁ, ବିମଳ ମହାନ୍ତି, ଯୁବ ଆଇନଜୀବୀ ୱତନ ରାଜ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସୋର :** ସୋର ପୌରପାଳିକା କମରପୁର ସ୍ଥିତ ସୋର ପବ୍ଲିକ ସ୍କୁଲ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ପାଳିତ ହେବା ସହିତ ବିଦ୍ୟାଳୟର ୨୪ ତମ ବିଜ୍ଞାନ ମେଳା ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ସଭାପତି ମାୟାଧର ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ମୋଟ ୩୩ ଟି ପ୍ରକଳ୍ପ ସ୍ଥାନିତ ହୋଇ ଥିଲା। ଛାତ୍ରଛାତ୍ରୀ ମାନେ ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱତାପୟାନ, ଭୁତଳ ଜଳ ସଂରକ୍ଷଣ, ବାୟୁ ପ୍ରଦୂଷଣ, ସୌରଶକ୍ତି ବ୍ୟବହାର, ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା, ଜୈବିକ ସାର ବିଷ ସହିତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ କୃଷି ଉତ୍ପାଦନ ପଦ୍ଧତି ପ୍ରକଳ୍ପ ମାନ ପ୍ରଦର୍ଶନ କରିଥିଲେ। ଏହି ପ୍ରକଳ୍ପ ଗୁଡିକର ମୂଲ୍ୟାୟନ, ବାଲେଶ୍ୱର ପବ୍ଲିକ ହାଇସ୍କୁଲ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପଣ୍ଡା ଏବଂ ମଙ୍ଗଳପୁର ଗୋପୀନାଥପୁର ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ପଣ୍ଡା କରିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ। ଏହି ବିଜ୍ଞାନ ମେଳାର ଆୟୋଜନ, ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ ଶ୍ରୀଧର ପ୍ରସାଦ ବେହେରା ଏବଂ ସହ ସମ୍ପାଦକ ପ୍ରଶାନ୍ତ ଦାସ କରିଥିବା ବେଳେ, ବିଜ୍ଞାନ ଶିକ୍ଷକ ରାମନାରାୟଣ ଦାସ, ଶଶିକାନ୍ତ ଘଡେଇ, ଗୌରାଙ୍ଗ ଖୁଣ୍ଟିଆ, ସନ୍ତୋଷ କୁମାର ନାୟକ, ଦିବାକର ସାହୁ, ଗୁଲତାଜ ଖାନ ପ୍ରଭୃତି ମାର୍ଗଦର୍ଶକ ଥିଲେ। ବିଦ୍ୟାଳୟର ଅଧକ୍ଷ ରାମ ନାରାୟଣ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ମଡର୍ଣ୍ଣ ପବ୍ଲିକ ସ୍କୁଲ :** ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ପ୍ରଜ୍ଞା ପରିମିତା ପୃଷ୍ଟିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧକ୍ଷ ରବୀନ୍ଦ୍ର ନାଥ ମହାନ୍ତି ବିଦ୍ୟାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଥିବା ଅନ୍ୟ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

**ଡ୍ରିମ୍ସ ଆଇଡିଆଲ୍ ସ୍କୁଲ :** ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଡ୍ରିମ୍ସ ଆଇଡିଆଲ୍ ସ୍କୁଲର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସମେତ ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ, ଅଧକ୍ଷା ପୁଷ୍ପିତା ମହାନ୍ତି ଟାଉନହଲ୍ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ସତ୍ୟଭାମା ପ୍ରଧାନ, ସ୍ମୃତି ରେଖା ଦାସ, ସ୍ମିତିସୁଧା ଦାସ, ରେହାନା ବେଗମ୍, ଆରତୀ ବାଳା ଦାସ, ଅନୀତା ଦାସ, ଆଞ୍ଚଲ ପ୍ରିୟା ବେହେରା, ଶାନ୍ତି ଲତା ଖଟୁଆ, ସଞ୍ଜନା ପାତ୍ର, ଅନ୍ନପୂର୍ଣ୍ଣା ମଲ୍ଲିକ, ଭିତ୍ତି ମାଝୀ, ସ୍ମୃତି ରେଖା ମହାଳିକ, ସୁଲତା ଜେନା, ଭଗବାନ ବେହେରା ପ୍ରମୁଖ ନେତାଜୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ :** ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ସମ୍ମିଳନୀ କକ୍ଷରେ ଓଡ଼ିଶାର ଦୁଇ ବରପୁତ୍ର ତଥା ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ତମ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁନିଲ କୁମାର ପାଢ଼ୀ, ଇତିହାସ ବିଭାଗ ପ୍ରଫେସର ଓ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ପବିତ୍ର ମୋହନ ନାୟକ, ଡେକାନ ମହାବିଦ୍ୟାଳୟ-ପୁନେର ଅଧ୍ୟାପକ ପ୍ରଫେସର ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଇତିହାସ ବିଭାଗର ସଂଯୋଜକ ଡ. ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମାଜିକ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ସୁନିଲ କୁମାର ପାଢ଼ୀ ଦୁଇ ଜନ ନାୟକଙ୍କ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ଅଧ୍ୟାପିକା ମାନଙ୍କ ମଧ୍ୟରେ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ବିବେକାନନ୍ଦ ନାୟକ, ରାଜଶ୍ରୀ ଦତ୍ତ, ବିଶ୍?ଜିତ ପରିଡ଼ା, ଶଶାଙ୍କ ଶେଖର ଗଡ଼ନାୟକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ, ଭାଲେଣ୍ଟିନା ହାଁସଦା, ଶୁଭଶ୍ରୀ ଦାସ, ଜିଏସ ରଜତ ଦଳେଇ ସସ୍ମିତା ବେହେରା ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ସ୍ଥାପନ କରିଥିଲେ। ସଭା କାର୍ଯ୍ୟକୁ ଇତିହାସ ବିଭାଗର ଅଧ୍ୟାପକ ଡକ୍ଟର ସୁଶାନ୍ତ କୁମାର ବାରିକ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସ୍ମୃତିସିକ୍ତା ଥାପା ଧନ୍ୟବାଦ ଅର୍ପଣ କରିଥିଲେ।

**ବିବେକାନନ୍ଦ ଶିଶୁ ମନ୍ଦିର :** ସ୍ଥାନୀୟ ଗୋପାଳଗାଁ ସ୍ଥିତ ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ଏବଂ ମହାନ ରାଷ୍ଟ୍ରଭକ୍ତ ସଦାନନ୍ଦଜୀଙ୍କର ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ତପନ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସୃଷ୍ଟିଧର ପରିଡ଼ା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ କବି କାଳୀପଦ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୌରଚନ୍ଦ୍ର ବାରିକ, ବୈଲଚନ ଦାଶ, ଭଗବାନ ମହାପାତ୍ର, ରବୀନ୍ଦ୍ର ନାଥ ପ୍ରଧାନ, ସୁରଜ ବାରିକ ପ୍ରମୁଖ ଯୋଗଦେଇ ସୁବାଷ ବୋଷ ଏବଂ ସଦାନନ୍ଦଜୀଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଉଭୟଙ୍କ ଦେଶପ୍ରେମର ବହ୍ନି ଦେଶବାସୀଙ୍କୁ ପ୍ରଜ୍ୱଳିତ କରିଥିଲା ବୋଲି ମତବ୍ୟକ୍ତ କରିଥିଲେ। ସଦାନନ୍ଦ ଜୀ ସ୍ମୃତି ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦେଇ ସ୍ମୃତି ପରିଷଦର ବିବିଧ ସମାଜସେବା ମୂଳକ କାର୍ଯ୍ୟଧାରା ଉପରେ ବିବରଣୀ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ବାରିକ, କାଶୀନାଥ ଦାସ, ଜ୍ୟୋତିପ୍ରକାଶ ଦାଶ, ବେଦପ୍ରିୟ ବେହେରା, ଶରତ ପଟ୍ଟନାୟକ, ତ୍ରୟନାଥ ବାଗ, ମନ୍ମଥ ବାଗ, ପୂର୍ଣ୍ଣଚନ୍ଦ୍ର ବେହେରା, ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇଥିଲେ।

**ଓୟୁଜେ ବାଲେଶ୍ୱର ଶାଖା :** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ ସାହସ ଓ ବୀରତ୍ୱର ବିଜୟ ଗାଥା ସବୁସମାଜ ମଧ୍ୟରେ ତର୍କ ବିତର୍କ ଓ ଆଲୋଚନା ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ନେତାଜୀ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏହି ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାୟକ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଓୟୁଜେ ଜିଲ୍ଲା ସଂଘର ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନେତାଜୀଙ୍କ ପ୍ରତିମୂର୍ତ୍ତୀରେ ସାମୁହିକ ମାଲ୍ୟାର୍ପଣ ପରେ ସଦର ବ୍ଲକ ସଂଯୋଜକ ଅଜିତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରହ୍ଲାଦ ଚରଣ ମହାନ୍ତି, ଦେବବ୍ରତ ପାଣିଗ୍ରାହୀ, ଶତ୍ରୁଘ୍ନ ମଲ୍ଲିକ, ମଞ୍ଜୁଲତା ମହାନ୍ତି, ପୁଣ୍ୟ ବ୍ରତ ମହାନ୍ତି, ଅଜିତ କୁମାର ବରାଳ, ଅଜୀମ ବାଲେଶ୍ୱରୀ, ସେକ ତହସିଫ ଆଲାମ, ରମଣୀ ରଞ୍ଜନ ଦାସ, ବରିଷ୍ଠ ସଦସ୍ୟ ହିମାଂଶୁ ଦାସ, ପ୍ରସନଜିତ ଆଶ, ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ସଂଯୋଜକ ହାଇଦର ଖାନ ଧନ୍ୟବାଦ ଦେଇଥିଲେ।

**ନେତାଜୀ ଜୟନ୍ତୀ କମିଟି :** ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ବିଶିଷ୍ଟ ଜନନାୟକ ତଥା ଉଗ୍ର ଜାତୀୟତାବାଦୀ ରାଷ୍ଟ୍ରନେତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ସହରର ଟାଉନହଲଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟାଉନହଲ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନେତାଜୀଙ୍କ ନୀତି ଓ ଆଦର୍ଶ ଭାରତର ଯୁବ ସମାଜ ପାଇଁ ସବୁଦିନ ପ୍ରେରଣା ହୋଇ ରହିଥିବ ବୋଲି ଶ୍ରୀ ନାୟକ ଏହି କହିଥିଲେ। ନେତାଜୀ ଜୟନ୍ତୀ କମିଟିର ସଭାପତି ବିଶିଷ୍ଟ ଶିକ୍ଷାବିତ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି ଏଥିରେ ଅଧକ୍ଷତା କରିବା ସହିତ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ଜୀବନାଦର୍ଶ ଓ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପୂଣ୍ୟବ୍ରତ ମହାନ୍ତି, ଅଜିତ କୁମାର ମହାନ୍ତି, ଅଜିତ କୁମାର ବରାଳ, ବିକ୍ରମ କୁମାର ମହାରଣା ପ୍ରମୁଖ କମିଟିର କର୍ମକର୍ତାମାନେ ଏଥିରେ ଉପସ୍ଥିତ ଥିଲେ। କମିଟିର ସମ୍ପାଦିକା ମଞ୍ଜୁଲତା ମହାନ୍ତି ଧନ୍ୟବାଦ ଦେଇଥିଲେ।
















## ବାହାବଳପୁର ଗଙ୍ଗାମାତା ପୂଜାଉତ୍ସବ ଉଦ୍‌ଯାପିତ

# ‘ଜେଟି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହେବ’

**ରୂପସା, ୨୩।୧ (ସମିସ):** ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଆୟୋଜିତ ୭୩ ତମ ସାର୍ବଜନୀନ ଗଙ୍ଗାମାତା ପୂଜା ଉତ୍ସବ ଓ ମେଳା ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ସଂଘ ସଭାପତି ବିକାଶ କୁମାର ଦାସ ପୌରାହିତ୍ୟ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ସ୍ୱରୂପ କୁମାର ଦାସ ଓ ମୁଖ୍ୟ ବକ୍ତା ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଜେଟି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହେଲେ ଆର୍ଥିକ ବିକାଶ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ବ୍ଲକ ଚେୟାରମ୍ୟାନ ସୁନିତା ବେହେରା, ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ସରପଞ୍ଚ ରାମ ନାରାୟଣ ଦିବେଦୀ,



ସମାଜସେବୀ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ। ସଙ୍ଘ ସମ୍ପାଦକ ଗୋରାଚାନ୍ଦ ଜେନା ପ୍ରାରମ୍ଭିକ ସୂଚନା ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ନଦୀ ମୁହାଣଠାରୁ ଜେଟି ପର୍ଯ୍ୟନ୍ତ ନଦୀ କୂଳରେ ଶକ୍ତ ପଥର ବନ୍ଧ ନିର୍ମାଣ, ସୋଲପଟା ଠାରେ ନିର୍ମାଣଧୀନ ପୋଲକୁ ପୂର୍ଣ୍ଣାଙ୍ଗ କରିବା, ପଞ୍ଚପଡ଼ା ନଦୀ ମୁହାଣକୁ ଡ୍ରେଜର ଦ୍ୱାରା ଖନନ କରିବା, ୫ଶହ ମିଟର ଜେଟି ସମ୍ପ୍ରସାରଣ କରାଯିବା, ଦୁବୁଲାଗଡ଼ି ଓ ବଗଦା ବେଳାଭୂମିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଆଦି ୮ ଦଫା ସମ୍ବଳିତ ଦାବିପତ୍ର ବିଧାୟକ, ଜିଲା ପରିଷଦ ସଭାପତି ଓ ବ୍ଲକ ଚେୟାରମ୍ୟାନଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ସଂଘ ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶେଷରେ ଯୁଗ୍ମ ସମ୍ପାଦକ ପ୍ରବୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୮ ଦିନ ବ୍ୟାପୀ ଏହି ମେଳା ଓ ଉତ୍ସବକୁ ସଂଘର ଉପଦେଷ୍ଟା ଓ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ବସ୍ତା ବ୍ଲକ, ୨୩।୧(ସମିସ):** ବସ୍ତା ବ୍ଲକ ଛଚିନା ସ୍ଥିତ ଚିନ୍ତାମଣି ଜେନା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏହି ଶିବିର ୧୦ ଦିନ ବ୍ୟାପି ଚାଲିଥିଲା। ମାଷ୍ଟର ଟ୍ରେନର ରଞ୍ଜିତା ଭୂୟାଁ ଓ ଲିପି ଭୂୟାଁ ଛାତ୍ରୀମାନଙ୍କୁ ଆବଶ୍ୟକ ସ୍ଥଳେ ନିଜେ କିପରି ଆତ୍ମରକ୍ଷା କରି ପାରିବେ ତାହା ଉପରେ ତାଲିମ ଦେଇଥିଲେ। ଉଦଯାପନୀ ଉତ୍ସବ ଅଧକ୍ଷ ବୈଲଚୋନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଡ. ଅରବିନ୍ଦ ବେଜ, ପ୍ରୋଗ୍ରାମ ଅଫିସର ପ୍ରଣିତା ନନ୍ଦ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥଲେ। ସୁଜାତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




## ବିଜେପିର ସାଂଗଠନିକ ବୈଠକ

**ଲଙ୍ଗଲେଶ୍ୱର, ୨୩।୧(ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତ ଲଙ୍ଗଳେଶ୍ୱର ଗ୍ରାମ ମହେଶ୍ୱର ଦାସ ଙ୍କ ବାସଭବନରେ ବିଜେପି ର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ତଥା ବସ୍ତା ବ୍ଲକ ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡାଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ତଥା ବସ୍ତା ନିର୍ବାଚନ ମଣ୍ଡଳୀ ନେତା ରଘୁନାଥ ମହାନ୍ତି, ବାଲିଆପାଳ ବ୍ଲକ ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ଯୁବନେତା ରବୀନ୍ଦ୍ର ଜୈନ, ଅଜୟ ସାହୁ, ଅରବିନ୍ଦ ବେହେରା, ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ, ଗଗନ ସାହୁ, କମଳ ଲୋଚନ ଦତ୍ତ, ଦେବାନନ୍ଦ ପିଲା, ରଞ୍ଜନ ମହାନ୍ତି, ବସନ୍ତ ବାରିକ, ରାଧା ପଙ୍କଜ ମଣ୍ଡଳ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ମଣ୍ଡଳ ସାଧାରଣ ସମ୍ପାଦକ ଅଜୟ ଜେନା, ପଞ୍ଚାୟତ ପ୍ରମୁଖ ଅଞ୍ଜନ ଗିରି, ଜଗନ୍ନାଥ ଗିରି, କରୁଣାକର ଜେନା, ଲମ୍ବୋଦର ଗିରି, ନିମାଇଁ ଚରଣ ଦାସ, ପ୍ରଭୁରାମ ରାଉତ, ମଣ୍ଡଳ ଉପସଭାପତି ସୁଶାନ୍ତ ପାତ୍ର, ଦିଲ୍ଲୀପ ପାତ୍ର, ସଞ୍ଜୟ ପରିଡ଼ା, ମହିଳା ମୋର୍ଚ୍ଚା ର ମାଳତୀ ନାୟକ, ରିତାଞ୍ଜଳୀ ଜେନା, ମୁଖ୍ୟ କାର୍ଯ୍ୟକର୍ତ୍ତା ନରୋତ୍ତମ ଗିରି, ଗୌରବ ଅଣ୍ଡିଆ, ପ୍ରଭାତ ଦାସ, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ବିଜେଡି କର୍ମୀ ସୁଧାଂଶୁଙ୍କ ବିୟୋଗ



**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୩।୧- (ସମିସ) :** ଗୋବରଘଟା ଗ୍ରାମପଞ୍ଚାୟତ ବିଜୁ ଜନତା ଦଳର ସକ୍ରିୟ କର୍ମୀ ସୁଧାଂଶୁ ଶେଖର ପାଳ (୬୮)ଙ୍କ ବୈରାଟଆଡ଼ି ଗ୍ରାମ ସ୍ଥିତ ଘରେ ଗତକାଲି ସୋମବାର ସନ୍ଧ୍ୟାରେ ବିୟୋଗ ହୋଇଛି। ଏକଦା ସ୍ୱର୍ଗତଃ ଟାଣୁଆ ବିଧାୟକ ଗଦାଧର ଗିରିଙ୍କ ସହିତ ଜଣେ ସଚ୍ଚା କର୍ମୀ ଭାବେ ଦୀର୍ଘ ଦିନ ଧରି ଅଣ କଂଗ୍ରେସ ରାଜନୀତି କରି ମୃତ୍ୟୁପର୍ଯ୍ୟନ୍ତ ମଧ ଗୋବରଘଟା ଗ୍ରାମପଞ୍ଚାୟତ ବିଜୁ ଜନତା ଦଳ ର ଜଣେ ସକ୍ରିୟ କର୍ମୀ ଥିଲେ ସୁଧାଂଶୁ। ତାଙ୍କ ଅବଦାନ ସର୍ବଦା ସମସ୍ତ କ୍ଷେତ୍ରରେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସରପଞ୍ଚ ମିନତୀ କର, ଯୁବ ନେତା ଚନ୍ଦନ କର, ଆନନ୍ଦ ପାଳ, ସୁବାଷ ପାଳ, ରାଜୁ ଦଲାଇ, ହାଉଡା ପାଳ, ବଳରାମ ପାଳ, ନନ୍ଦ ଜେନା ପ୍ରମୁଖ ବ୍ୟକ୍ତି ବିଶେଷ ପ୍ରକାଶ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ତାଙ୍କର ଏକମାତ୍ର ପୁତ୍ର ଶିବୁ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇ ଦାହ ସଂସ୍କାର କରିଥିଲେ।

## ଅବସରପ୍ରାପ୍ତ ଅଧ୍ୟାପକ ପଣ୍ଡିତ ଅନୀଲ ଦାଶଙ୍କ ପରଲୋକ



**ଭୋଗରାଇ, ୨୩।୧ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ପିଠାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଶିଷ୍ଟ ପଣ୍ଡିତ ତଥା ଅବସରପ୍ରାପ୍ତ ଅଧ୍ୟାପକ ଅନୀଲ କୁମାର ଦାଶ (୮୨)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଅଧ୍ୟାପକ ଭାବେ ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରୁ ୨୦୦୨ ମସିହାରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ପ୍ରଖ୍ୟାତ ପଣ୍ଡିତ, ଶାସ୍ତ୍ରଜ୍ଞ, ମିଷ୍ଟଭାଷୀ, ଦରଦୀ, ପରୋପକାରୀ ଓ ଆଦର୍ଶ ବ୍ୟକ୍ତି ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଖବର ପାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ବହୁ ପୁରାତନ ଛାତ୍ରଛାତ୍ରୀ ତାଙ୍କ ପିଠାପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସୁଭାଷିନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ୩ ପୁତ୍ର ପୂର୍ଣ୍ଣେନ୍ଦୁ, ଶୁଭେନ୍ଦୁ ଓ ଅର୍ଦ୍ଧେନ୍ଦୁ ମୁଖାଗ୍ନି ଦେଇଥିଲେ।

## ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତାଙ୍କ ଶୋକସଭା

**ବାଲିଆପାଳ, ୨୩।୧(ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପ୍ରିୟା ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବିଦ୍ୟାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧାପକ ଅଧାପିକା, କର୍ମଚାରୀ ତଥା ଛାତ୍ରୀ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମହିଳା ବିଦ୍ୟାଳୟ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବାଳିକା ଶିକ୍ଷାର ଉନ୍ନତି ଘଟିବା ସହିତ ବହୁବିଧ ଲୋକାଭିମୁଖୀ କାର୍ଯ୍ୟ ସ୍ୱର୍ଗତ ମହାନ୍ତିଙ୍କୁ ଚିରଦିନ ଅମର କରି ରଖିବ ବୋଲି କହିଥିଲେ।

## କେ.କେ. କ୍ଲବ ପକ୍ଷରୁ ୧୦ ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ

**ଚୌକି ୨୩।୧ (ସମିସ) :** ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଉତ୍ସବ ମୁଖର ଭୋଗରାଇ ଅଞ୍ଚଳ। ଏହି ଅବସରରେ ଥାନାଛକ କେ କେ କ୍ଲବ ପକ୍ଷରୁ ସକାଳେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କୁ ନେଇ ଏକ ବିଶାଳ ଶୋଭା ଯାତ୍ରା କରିବା ସହିତ ସନ୍ଧ୍ୟାରେ ୫ଶହରୁ ଅଧିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିବା ବେଳେ ୧୦ ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ରେ ପଙ୍କଜ ଦାସ, ବିକାଶ ମହାନ୍ତି, ଚିତ ମହାନ୍ତି, ଚନ୍ଦନ ଗିରି, ଦୀପଙ୍କର ଦାସ, ଅଜୟ ମହାପାତ୍ର, ପ୍ରଦୀପ ସାହୁ, ହରିପଦ ରାଉତ, ମନରଞ୍ଜନ ସାହୁ, ସିର୍ଦ୍ଧାତ ଜେନା, ଆଦାସ ଦାସ, ଅଭିଜିତ ଦାସ, ରାମକୃଷ୍ଣ ଦାସ, କିସନ ଗିରି ପ୍ରମୁଖ ଏହି କାର୍ଯ୍ୟକ୍ରମ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକଲ ବଣ୍ଟନ



**ବସ୍ତା, ୨୩।୧(ସମିସ) :** ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରଠାରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନୂତନ ବାସଭବନର ଗୃହ ପ୍ରବେଶ ଉପଲକ୍ଷେ ଆଜି ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ଶହେରୁ ଉର୍ଦ୍ଧ ଦିବ୍ୟାଙ୍ଗ ଭାଇଭଉଣୀ ମାନଙ୍କୁ ଟ୍ରାଇ ସାଇକଲ ଏବଂ ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ଶ୍ରୀମତୀ ଜେନା ପୂର୍ବରୁ ନିଜକୁ ବହୁ ସାମାଜିକ କାର୍ଯ୍ୟକ୍ରମ ସହିତ ସାମିଲ କରିଥାନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ଓ ସୁବାସିନୀ ଜେନା ନୂତନ ଗୃହ ସମ୍ମୁଖରେ ଏକ ସଭା ର ଆୟୋଜନ କରି ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଚକ୍ରଧର ଗିରି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୩ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ୧୭ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ସୁଜାତାରାଣୀ ଦଣ୍ଡପାଟ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା କୃଷକ ସେଲ୍‌ଫ ସଭାପତି ଅଜୟ ସାମଲ, ବିଜେଡି ଜିଲ୍ଲା ଉପସଭାପତି ଦେବ କୁମାର ଦେ, ସତ୍ୟାନନ୍ଦ ମହାନ୍ତି, ଲକ୍ଷ୍ମୀଧର ଦାସ, ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳି ଦାସ, ବ୍ଲକ ମହିଳା ସଭାନେତ୍ରୀ ସରପଞ୍ଚ କସ୍ତୁରୀବାଳା ପାତ୍ର, ପ୍ରଦୀପ ବିଶ୍ୱାଳ, ଗିରିଶ ପାତ୍ର, ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ହେପି ଫାଉଣ୍ଡେସନ ପକ୍ଷରୁ ପ୍ରସାଦ ବଣ୍ଟନ

**ଚନ୍ଦନେଶ୍ୱର, ୨୩।୧(ସମିସ) :** ଭୋଗରାଇ ବ୍ଲକରେ ବିଭିନ୍ନ ସମାଜିକ ଉନ୍ନୟନ କାର୍ଯ୍ୟ କରିଆସୁଥିବା ହେପି ଫାଉଣ୍ଡେସନ ତରଫରୁ କାଲି ସନ୍ଧ୍ୟାରେ ଅଯୋଧ୍ୟାଠାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ହୁଗୁଳି ଓ ଆଖପାଖ ପଞ୍ଚାୟତ ରେ ପରିକ୍ରମା କରିବା ସହିତ ରାତ୍ରି ୮ ରେ ଖେଚୁଡ଼ି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନ ପକ୍ଷରୁ କବିପ୍ରସାଦ ସାହୁ, ଅମରତୋଷ ପଣ୍ଡା, ଅଘୋର ପଣ୍ଡା, ଅଶୋକ କୁମାର ପ୍ରଧାନ, ଜଗବନ୍ଧୁ ସାହୁ, ଚନ୍ଦନ ତୋଳା, ଅଶୋକ ପାତ୍ର, ହରେନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

## ବିଜେଡି କର୍ମୀ ଜୟନ୍ତ ବାରିକଙ୍କ ପରଲୋକ



**ଭୋଗରାଇ, ୨୩।୧, (ସମିସ) :** ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ପଞ୍ଚାୟତ ଅନ୍ତର୍ଗତ ୫ ନଂ ୱାର୍ଡ ବାସିନ୍ଦା ତଥା ବିଜେଡ଼ିର ଜଣେ ଆଗଧାଡିର ଛାମୁଆଁ କର୍ମୀ ଜୟନ୍ତ ବାରିକଙ୍କ ୬୪ ବର୍ଷ ବୟସରେ ସୋମବାର ରାତି ସାଢ଼େ ୧୧ଟାରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଦରଦୀ, ପରୋପକାରୀ, ଅନୁଷ୍ଠାନ ପ୍ରେମୀ ଓ ସର୍ବୋପରି ଜଣେ ଦୃଢ଼ ସଙ୍ଗଠକ ଥିଲେ। ସରପଞ୍ଚ ବର୍ଷାରାଣୀ ପରିଡ଼ା, ନାଏବ ସରପଞ୍ଚ ଅନନ୍ତ ମାଝୀ, ପଞ୍ଚାୟତ ସମିତି ସଦସ୍ୟା ଝରଣା ସାହୁ, ଅଧାପକ ପ୍ରଦୀପ କୁମାର ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ନିଶିକାନ୍ତ ସାହୁ ଓ ଭବେନ୍ଦ୍ର ସାହୁ, ରସଲପୁର ପଞ୍ଚାୟତ ସମିତି ସଦସ୍ୟା ବ୍ରତତୀ ପରିଡ଼ା, ସମାଜସେବୀ ସୂର୍ଯ୍ୟକାନ୍ତ ସାହୁ, ଅକ୍ଷୟ ଦଳେଇ, ରାକେଶ ପରିଡ଼ା, ଅରୁଣ ପ୍ରଧାନ, ସୁକୁମାର ମହାନ୍ତି, ସେକ ଇକବାଲ ହୋସେନ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସମାଜସେବୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ଏକମାତ୍ର ପୁତ୍ର ଚନ୍ଦନ ମୁଖାଗ୍ନୀ ଦେଇଥିଲେ। ଜୟନ୍ତଙ୍କ ମୃତ୍ୟୁରେ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଅନନ୍ତ ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଉପାଧକ୍ଷା ମୀନାରାଣୀ ସାସମଲ, ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ସାଧାରଣ ସମ୍ପାଦକ ହେମନ୍ତ ବେହେରା, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଗଣପତି ଗିରି, ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ଦୀପକ କୁମାର ଦାସ, ପୂର୍ବତନ ରସଲପୁର ସରପଞ୍ଚ ଅମୂଲ୍ୟ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ବ୍ଲକ କଂଗ୍ରେସ ସଭାପତିଙ୍କ ପିତୃ ବିୟୋଗ

**ଭୋଗରାଇ/ଚନ୍ଦନେଶ୍ୱର, ୨୩।୧ (ସମିସ) :** ଭୋଗରାଇ ବ୍ଲକ ଗୁଣାଇବସାଣ ପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମରେ ଜନ୍ମଗ୍ରହଣ କରିଥିବା ତଥା ଅବସରପ୍ରାପ୍ତ କଟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରାଣକୃଷ୍ଣ ପାତ୍ରଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପାତ୍ର ହେଲେ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ତଥା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଓ କୁମ୍ଭାରମୁଳି ପଞ୍ଚାୟତ ସମିତି ସଦସ୍ୟ ଆଶିଷ ପାତ୍ରଙ୍କ ପିତା। ସେ ଜଣେ ସରଳ, ନିଷ୍କପଟ, ମେଳାପୀ, ଜନଦରଦୀ, ମିଷ୍ଟଭାଷୀ, ଧର୍ମପରାୟଣ, ଅନୁଷ୍ଠାନ ପ୍ରେମୀ ଓ ଆଜୀବନ କଂଗ୍ରେସ ଦଳର ଏକନିଷ୍ଠ ପୃଷ୍ଠପୋଷକ ଭାବେ ସମଗ୍ର ଅଞ୍ଚଳବାସୀଙ୍କ ପ୍ରିୟପାତ୍ର ଥିଲେ। ସେ ଭୋଗରାଇ ବ୍ଲକର ସର୍ବବୃହତ ଆଧ୍ୟାତ୍ମିକ ଅନୁଷ୍ଠାନ ଗୁନାଇବସାଣ ହରିସମାଜର ମୁଖ୍ୟ ପୁରୋଧା ଥିଲେ। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ସେ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧର ସମୟ ଧରି ଶଯ୍ୟାଶାୟୀ ଥିଲେ। ସୋମବାର ରାତି ସାଢେ ୯ ଟାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବାସନ୍ତୀ, ପୁଅ ଦେବାଶିଷ, ଆଶିଷ ଓ ଶିବାଷିଶ, ପୁତ୍ରବଧୂ ତଥା ଗୁନେଇବସାଣ ସରପଞ୍ଚ ସୁମତି ପାତ୍ର, ଝିଅ କନକଲତା, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ଜିଲ୍ଲା ପରିଷଦ ସଦସ୍ୟ ତଥା ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଜେନା, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ଦୀପକ କୁମାର ଜେନା ଓ ଷଡାନନ ଜେନା, ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, ପସରବିନ୍ଧା ସରପଞ୍ଚ ତଥା ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁମନ୍ତ ବେହେରା, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁର, ମନ୍ଦାରସାହି ସରପଞ୍ଚ ତଥା ଜିଲ୍ଲା କଂଗ୍ରେସ ସମ୍ପାଦିକା ମମତା ସାହୁ, ଜୋନ ସଭାପତି ତଥା ପୂର୍ବତନ ସରପଞ୍ଚ ରାଧାବିନୋଦ ଦାସ, ରତନ ବାଗ ଓ କାର୍ତ୍ତିକ ଚନ୍ଦ୍ର ପାତ୍ର, ନିମାତପୁର ସରପଞ୍ଚ ତଥା ଜୋନ ସଭାପତି ରାଜେନ୍ଦ୍ର ଦଳେଇ ପ୍ରମୁଖ ଶୋକପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ପୂର୍ବତନ ନାଏବ ସରପଞ୍ଚ ବିଜୟଲକ୍ଷ୍ମୀ ପ୍ରଧାନ ଆଉନାହାନ୍ତି

**ଚନ୍ଦନେଶ୍ୱର, ୨୩।୧(ସମିସ) :** ଭୋଗରାଇର ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ତଥା ଏତଦ୍ ଅଞ୍ଚଳର ବୁଦ୍ଧିଜୀବୀ, ବିଶିଷ୍ଟ ସମାଜସେବୀ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ଅଧ୍ୟାପକ, ଦୀନକୃଷ୍ଣ କଲେଜ ତଥା ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଇତିହାସ ବିଭାଗର ମୁଖ୍ୟ ପ୍ର. ଶୈଳେଶ ଚନ୍ଦ୍ର ପ୍ରଧାନଙ୍କ ସ୍ନେହ ମୟୀ, କରୁଣା ମୟୀ, ମମତାମୟୀ, ଧର୍ମପରାୟଣ ସ୍ତ୍ରୀ ବିଜୟଲକ୍ଷ୍ମୀ ପ୍ରଧାନ ୭୫ବର୍ଷ ବୟସରେ ଆଜି ଦିନ ୧୦ଟା୧୦ରେ, ଇହଲୀଳା ସମ୍ବରଣ କରି ଆରପାରିକୁ ଚାଲିଯାଇଛନ୍ତି। ସେଥିପାଇଁ ଶ୍ରଦ୍ଧାପୁର ପଞ୍ଚାୟତରେ ଶୋକରଛାୟା ଖେଳିଯାଇଛି। ଖବର ପାଇ ଆତ୍ମୀୟ ସଜନଙ୍କ ସମେତ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ସମିତି ସଦସ୍ୟ, ପଞ୍ଚାୟତର ସମସ୍ତ ୱାର୍ଡ ସଦସ୍ୟ, ଶିକ୍ଷାବିତ ଶମ୍ଭୁନାଥ ଜେନା, ଶିକ୍ଷାବିତ ବିଜୟ ସିଂହ, ଶିକ୍ଷକ ସୁଦର୍ଶନ ଜେନା, କାହ୍ନୁଚରଣ ସାହୁ, ଶାଶ୍ୱତ କୁମାର ଜେନା, ସମାଜସେବୀ ବିକ୍ରମ କେଶରୀ ସାମଲ, ତାପସ ସାହୁ, ଆଲୋକ ସାମଲ ସମେତ ବହୁ ଶିକ୍ଷାବିତ, ସମାଜସେବୀ, ଶ୍ରଦ୍ଧାପୁର ପଞ୍ଚାୟତ ବାସିନ୍ଦା ଉପସ୍ଥିତ ହୋଇଥିଲେ। ଦୁଇ ପୁଅ ଅଧ୍ୟାପକ ଶୈବାଳକାନ୍ତି ଓ ସମାଜସେବୀ ସରୋଜକାନ୍ତି ପ୍ରଧାନ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର ସମୟରେ ଜ୍ୱାଇଁ ନୀଳକଣ୍ଠ ପ୍ରଧାନ, ଭଣଜା ଶିଶିର କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ଜୟଚଣ୍ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଜଳେଶ୍ୱର ବ୍ଲକ, ୨୩।୧ (ସମିସ) :** ଜୟଚଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ଚୋରମରାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ପ୍ରଦୀପ କୁମାର ଦାସଙ୍କ ମଞ୍ଚ ଆହ୍ୱାନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିଲତା ସରେନ ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି କନକ ଲାଇଭର ମୁଖ୍ୟ ସଂସ୍ଥାପକ ରତିକାନ୍ତ ଦତ୍ତ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମାନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଯୁଧିଷ୍ଠିର ଉଚ୍ଚ ବିଦ୍ୟାଳୟ ଗିଲାଯୋଡ଼ିର ପ୍ରଧାନ ଶିକ୍ଷୟିତ୍ରୀ ତଥା ବସ୍ତା ବ୍ଲକ ଖେଳ ସଂଯୋଜିକା ଭାଗ୍ୟଶ୍ରୀ ଜେନା, ସାମ୍ବାଦିକ ଭୂପତି କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ହୋଇ ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ସପନ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ସୁଦାମ ଚରଣ ନାୟକ ବେଦ ପାଠ କରିବା ପରେ ଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ହୋଇଥିଲା। ସହକାରୀ ଶିକ୍ଷକ ଚୈତନ୍ୟ ହେମ୍ବ୍ରମ, ସପନ କୁମାର ମଲ୍ଲିକ, ରାଜା ସିଂହ, ସୁଦାମ ଚରଣ ନାୟକ, ପ୍ରଦୀପ କୁମାର ଦାସ, କୃପାସିନ୍ଧୁ ହାଜିରା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା।

## ‘ନୂଆ-ଓ’ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର

**ଜଳେଶ୍ୱର ବ୍ଲକ, ୨୩।୧ (ସମିସ) :** ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ ଘଟିକା ସମୟରେ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ, ସ୍ୱର୍ଗତ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ତଥା ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଲୋକ ଜୀବନ ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଅଧକ୍ଷା ଶ୍ରୀମତୀ ମାମି ରାଣୀ ମହାନ୍ତିଙ୍କ ଅଧକ୍ଷତାରେ ସଫଳ ଭାବେ ଅନୁଷ୍ଠିତ ହୋଇ ଯାଇଛି। ଆଲୋଚନାଚକ୍ରରେ ସଂଶାଧକ




ଡକ୍ଟର ଚିତ୍ତରଞ୍ଜନ କୁଣ୍ଡୁ ଓଡ଼ିଆ ଅଧ୍ୟାପକ ଡ. ଯଦୁନାଥ ଡିଗ୍ରୀ ମହା ବିଦ୍ୟାଳୟ, ରସାଲପୁର ବାଲେଶ୍ୱର ଗୁରୁ ଆଶୀର୍ବାଦ ଓ ଜଗନ୍ନାଥଙ୍କ ଅପାର ଦାନ ଦ୍ୱାରା ମଣିଷର ଉଚ୍ଚ ଗତି ହେବା ସହିତ ମା’ର ଦାନ ଓ ଜନ୍ମଭୂମିର ମହାନତା ସମ୍ପର୍କରେ ପ୍ରେରଣାଦାୟୀ ତଥା ମନମୁଗ୍ଧକର ବକ୍ତବ୍ୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ତଥା ଅନ୍ୟତମ ସଂଶାଧକ ବ୍ୟକ୍ତି ଭାବେ ଓଡ଼ିଆ ଅଧ୍ୟାପକ ଡକ୍ଟର ନୀଳକଣ୍ଠ ଖଣ୍ଡା ମା’ ମାତୃଭୂମୀ ମାତୃଭାଷା ପ୍ରତି ମଣିଷର କର୍ତ୍ତବ୍ୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ରେ ପାରିବାରିକ ସମ୍ପର୍କର ନିବିଡ଼ତା ଓ ମହତ୍ତ୍ୱ ସମ୍ପର୍କରେ ପ୍ରାମାଣିକ ଅଭିବ୍ୟକ୍ତି ରଖିଥିଲେ। ଡ. ଖଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଅଞ୍ଜନା ମହାନ୍ତି ପ୍ରାରମ୍ଭରେ ଜଗନ୍ନାଥ ଭଜନ ଗାନ କରିଥିଲେ। ଅଧ୍ୟାପିକା ଚନ୍ଦ୍ରଲେଖା ମହାକୁଳ ଅଧ୍ୟାପକ ଉଦୟ କୁମାର ଗିରି, ମଲ୍ଲିକା ଦାସ, କବିତା ବାଲା ପ୍ରଧାନ, ଅନିମା ଭୂୟାଁ, ଶ୍ରୀମତୀ ପ୍ରଭାତୀ ସେନ ଓ ଛାତ୍ରୀ ଗଣ ଉପସ୍ଥିତ ଥିଲେ। ଅଧ୍ୟାପିକା ଅଞ୍ଜଳି ଚକ୍ରବର୍ତ୍ତୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

